ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.221 Bhubaneswar Tuesday October 10 2023 | ୨୬ତମ ବର୍ଷ ସଂଖ୍ୟା–୨୨୧ ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୦, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

## ଶ୍ରୀମନ୍ଦିର ପ୍ରବେଶ ବେଳେ ଭକ୍ତ ପିନ୍ଧିବେ ଶାଳୀନତା ପୋଷାକ, ନୂଆବର୍ଷରୁ ଲାଗୁ

ଭୁବନେଶ୍ୱର,୯।୧୦(ପି.ଏନ): ଶ୍ରୀମନ୍ଦିରକୁ ଯାଉଥିବା ଭକ୍ତଙ୍କ ପୋଷାକରେ ଆସିବ ଶାଳୀନତା। ନଚେତ ଭକ୍ତଙ୍କୁ ଶ୍ରୀମନ୍ଦିର ପ୍ରବେଶ ମନା। ଶାଳୀନତା ଭାବେ ପୋଷାକ ପିନ୍ଧି ଶ୍ରୀମନ୍ଦିର ଭିତରକୁ ଯିବେ ଭକ୍ତ। ଏଭଳି ଚେତାବନୀ ଦେଲା ଶ୍ରୀମନ୍ଦିର ପ୍ରଶାସନ। ନୂଆବର୍ଷରୁ ଏହି ନିୟମ କଡାକଡି ଭାବେ ଲାଗୁ କରାଯିବ। ଶ୍ରୀମନ୍ଦିର ପ୍ରଶାସନ ଏନେଇ ସୂଚନା ଦେଇଛି।



## ବସ୍ ଧର୍ମଘଟ ସ୍ଥଗିତ



ଭୁବନେଶ୍ୱର, ୯।୧୦(ପି.ଏନ): ଅକ୍ଟୋବର ୧୦ରେ ପ୍ରସ୍ତାବିତ ରାଜ୍ୟବ୍ୟାପି ବସ୍ ଧର୍ମଘଟ ଆସନ୍ତା ୩୧ ଅକ୍ଟୋବର ଯାଏଁ ସ୍ଥଗିତ ରଖାଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ବସ୍ ମାଲିକ ସଂଘର ବୈଠକ ପରେ ବସ୍ ମାଲିକ ସଂଘ ସଂପାଦକ ଦେବେନ୍ଦ୍ର ସାହୁ ଏହି ସୂଚନା ଦେଇଛନ୍ତି। ସଂଘର ନିଷ୍ପତି ଅନୁଯାୟୀ ରାଜ୍ୟରେ ଆସନ୍ତାକାଲି (ଅକ୍ଟୋବର ୧୦)ରେ ବସ୍ ଧର୍ମଘଟ ହେବନାହିଁ।ରାଜ୍ୟ ସରକାରଙ୍କ ଲକ୍ଷ୍ମୀ ଯୋଜନାକୁ ବିରୋଧ କରି ଘରୋଇ ବସ୍ ମାଲିକ ସଂଘ ଏହି ଧର୍ମଘଟ ଡାକରା ଦେଇଥିଲା। ହେଲେ ଆଜି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍ଓ)ଙ୍କ ସହ ବସ୍ ମାଲିକ ସଂଘର ବୈଠକ ହୋଇଥିଲା। ଆଲୋଚନା ସକରାତ୍ମକ ହୋଇଥିବା ଘରୋଇ ବସ ମାଲିକ ସଂଘର ସମ୍ପାଦକ ଦେବେନ୍ଦ୍ର ସାହୁ ବୈଠକ ପରେ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଥିଲେ। ସେ କହିଥିଲେ ଯେ 'ସରକାର ଆମ ଦାବି ଶୁଣିଛନ୍ତି ଓ ଆମର ଦାବିକୁ ଯଥାର୍ଥ ବୋଲି ସ୍ୱୀକାର କରିଛନ୍ତି । ଆଲୋଚନା ନେଇ ଆମେ ଷ୍ଟିୟରିଂ କମିଟି ବୈଠକରେ ଜଣାଇବୁ । ଷ୍ଟିୟରିଂ କମିଟି ନିଷ୍ପତ ଅନୁସାରେ ଆମେ ଚୂଡ଼ାନ୍ତ ପଦକ୍ଷେପ ନେବ। ଉଲ୍ଲେଖନୀୟ ଯେ ରବିବାର ଦିନ ରାଜ୍ୟ ଘରୋଇ ବସ ମାଲିକ ସଂଘ ପକ୍ଷରୁ ଆସନ୍ତା ୧୦ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାଜ୍ୟରେ ଘରୋଇ ବସ୍ ଧର୍ମଘଟ ହେବ ବୋଲି ସୂଚନା ଦିଆଯାଇଥିଲା । ଏହି ସମୟରେ କୌଣସି ଘରୋଇ ଯାତ୍ରୀବାହୀ ବସ୍ ଚଳାଚଳ କରିବ ନାହିଁ ବୋଲି କୁହା ଯାଇଥିଲା। ସଂଘ ପକ୍ଷରୁ କୁହା ଯାଇଥିଲା ଯେ ୨୭ତାରିଖରେ ମଧ ବୈଠକରେ ବନ୍ଦ କରିବାକୁ ନେଇ ନିଷ୍ପତି ନେଇଥିଲେ । ହେଲେ ସରକାର ଆଲୋଚନାକୁ ଡାକିଲେ ନାହିଁ କି ଦିଆଯାଇଥିବା ସ୍ମାରକ ପତ୍ର ମୁତାବକ କୌଣସି ଦାବି ସରକାର ମାନିଲେ ନାହିଁ । ତେଣୁ ଦାବି ପୁରଣ ନହେବା ପର୍ଯ୍ୟନ୍ତ ସ୍କୁଲ, କଲେଜ, ଟୁର ଟ୍ରାଭେଲ ବସ ସହ ଘରୋଇ ବସ ବନ୍ଦ ରହିବ ବୋଲି ସେ ସ୍ପଷ୍ଟ କରିଥିଲେ ।

### ୩ଟି କପଡ଼ା ଗୋଦାମ ଉପରେ ଜିଏସଟି ଚଢ଼ଉ

ବଲାଙ୍ଗିର, ୯।୧୦(ପି.ଏନ): ବଲାଙ୍ଗିର ସୁଦପଡ଼ାରେ ୩ଟି କପଡ଼ା ଗୋଦାମ ଉପରେ ଆଜି ଜିଏସଟି ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଏହି ଚଢ଼ଉରେ ତିନୋଟି ଟିମ୍ ସାମିଲ୍ ହୋଇଛନ୍ତି । ୩ଟି ଟିମ୍ ର ୧୭ ଜଣ ଅଧିକାରୀ ଏହି ଚଢ଼ଉରେ ସାମିଲ୍ ଅଛନ୍ତି । ଚଢ଼ଉ ଜାରୀ ରହିଥିବାରୁ ଏନେଇ ସବିଶେଷ ତଥ୍ୟ ମିଳିପାରିନାହିଁ । ଏହି ତିନୋଟି ଯାକ କପଡ଼ା ଗୋଦାମ ଜଣେ ମାଲିକଙ୍କର ବୋଲି ଜଣାପଡିଛି ।

### ସିକ୍କିମ ବନ୍ୟାରେ ମୃତ୍ୟୁ ସଂଖ୍ୟା ୩୪କୁ ବୃଦ୍ଧି

ନୂଆଦିଲ୍ଲୀ,୯।୧୦(ପି.ଏନ): ସେନା ଏବଂ ରାଷ୍ଟ୍ରୀୟ ବିପର୍ଯ୍ୟୟ ମୁକାବିଲା ବଳ (ଏନଡିଆରଏଫ) ସିକ୍କିମ ବିପର୍ଯ୍ୟୟ ପ୍ରଭାବିତ ଅଂଚଳରେ ଉଦ୍ଧାର କାର୍ଯ୍ୟକୁ ଜୋରଦାର୍ କରିଛି । ବନ୍ୟାର ପ୍ରବଳ ସୁଅରେ ୧୪ଟି ସ୍ଥାନରେ ପୋଲ ଭାଙ୍ଗି ଯାଇଛି ଏବଂ ସେଠାରେ ଅସ୍ଥାୟୀ ପୋଲ ତିଆରି କରାଯାଇ ଲୋକଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ବିପର୍ଯ୍ୟୟରେ ଅଦ୍ୟାବଧି ମୃତ୍ୟୁ ସଂଖ୍ୟା ୩୪ ରେ ପହଂଚିଛି । ସିକ୍କିମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏସଡିଏଏଫ) ପକ୍ଷରୁ ଏହି ସଂଖ୍ୟା ଜାରି କରାଯାଇଛି ।ସୋମବାର ଏସଡିଏଏଫ ପକ୍ଷରୁ କୁହାଯାଇଛି ଯେ, ଏହି ବିପର୍ଯ୍ୟୟରେ ୮୭,୮୦୦୭୦ ଲୋକ ପ୍ରଭାବିତ ହୋଇଛନ୍ତି । ବର୍ତମାନ ସୁଦ୍ଧା ୩୪ ଜଣଙ୍କ ମୃତ୍ୟୁ ଘଟିଛି । ୧୦୫ ଜଣ ନିଖୋଜ ଅଛନ୍ତି । ୨୬ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ସେମାନଙ୍କର ଚିକିତ୍ସା ଚାଲିଛି ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୯ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

–ପ୍ରକାଶକ

### ସିକ୍କିମ ଟ୍ରାଜେଡି : ପାଗରେ ସୁଧାର ଆସିବା ପରେ ପର୍ଯ୍ୟଟକଙ୍କୁ ଉଦ୍ଧାର କାର୍ଯ୍ୟ ଜାରି

ଗଂଗଟକ, ୯।୧୦(ପି.ଏନ):– ପାଗରେ ସୁଧାର ଆସିବା ପରେ ଉତର ସିକ୍କିମର ବନ୍ୟା ପ୍ରଭାବିତ ଅଂଚଳରେ ଫସି ରହିଥିବା ପର୍ଯ୍ୟଟକଙ୍କୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି । ସୋମବାର ସକାଳେ ଲାଚେନ ଏବଂ ଲାଚୁଂଗରୁ ପର୍ଯ୍ୟଟକ ମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଗତ ୩–୪ ଅକ୍ଟୋବର ରାତିରେ ଉତର ସିକ୍କିମରେ ହ୍ଲୋନାକ ହ୍ରଦ ଫାଟିବା ପରେ ତିସ୍ତା ନଦୀରେ ଅଚାନକ ବନ୍ୟା ଆସିଥିଲା । ଯାହାକି ସେଠାରେ ଭୀଷଣ ବିପର୍ଯ୍ୟୟ ଘଟାଇଥିଲା । ଫଳରେ ବ୍ୟାପକ ଧନଜୀବନ ନଷ୍ଟ ହୋଇଥିଲା । ତିସ୍ତା ନଦୀରେ ଆସିଥିବା ଏହି ପ୍ରଳୟଙ୍କରୀ ବନ୍ୟା ଉତର ସିକ୍କିମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାକୁ କେତେକ ସ୍ଥାନରେ ନଷ୍ଟ କରିଛି । ଯେଉଁଥିପାଇଁ ଉତର ସିକ୍କିମରୁ ରାଜ୍ୟର ଅନ୍ୟ ଅଂଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଏହି ବିପର୍ଯ୍ୟୟ ଯୋଗୁଁ ଉତର ସିକ୍କିମର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ଲାଚେନ, ଲାଚୁଂଗ, ଚୁଂଗଥାଂଗ ବୁଲିବାକୁ ଆସିଥିବା ପର୍ଯ୍ୟଟକ ଗତ ୪ ତାରିଖ ଠାରୁ ଫସି ରହିଥିଲେ । ଉତର ସିକ୍କିମର ବିଭିନ୍ନ ସ୍ଥାନରେ ଫସି ରହିଥିବା ପ୍ରାୟ ୩୦୦୦ ପର୍ଯ୍ୟଟକ ଏବଂ ପ୍ରାୟ ୮୦୦ ଡ୍ରାଇଭରଙ୍କ ତଥ୍ୟ ଜାରି କରିଛନ୍ତି ରାଜ୍ୟ ସରକାର । ପାଗ ଖରାପ ଥିବା କାରଣରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ଘଟଣାର ୬ ଦିନ ପରେ ଆଜି ପାଗ ଅନୁକୂଳ ହେବା ପରେ ଭାରତୀୟ ସେନାର ହେଲିକପ୍ଟର ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି ।

### ଜ୍ଞାନେନ୍ଦ୍ର ଗିରିଗୋସ୍ୱାମୀ ହେଲେ ବିଜେଡି ରାଜ୍ୟ ସମ୍ପାଦକ

ଭୁବନେଶ୍ୱର,୯।୧୦(ପି.ଏନ): ଜ୍ଞାନେନ୍ଦ୍ର ଗିରିଗୋସ୍ୱାମୀଙ୍କୁ ବିଜେଡି ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନିଯୁକ୍ତି ଦେଇଛନ୍ତି। ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ବିଜ୍ଞପ୍ତି ମାଧ୍ୟମରେ ଏହି ସୂଚନା ଦେଇଛନ୍ତି।

### ଇସ୍ରାଏଲ୍ ମହିଳାଙ୍କୁ ଦୁଷ୍କର୍ମ ଏବଂ ବନ୍ଧକ ଶିଶୁଙ୍କୁ ଅସ୍ତ୍ର କରୁଛନ୍ତି ହମାସ୍ ଆତଙ୍କବାଦୀ

ଜେରୁଜଲେମ, ୯।୧୦(ପି.ଏନ):– ଇସ୍ରାଏଲ୍ ଉପରେ ଆକ୍ରମଣ କରିବା ପରେ ହମାସ୍ ଆତଙ୍କବାଦୀ ଇସ୍ରାଇଲର ମହିଳାମାନଙ୍କୁ ଦୁଷ୍କର୍ମ କରିବା ସହ ବନ୍ଧକ ରଖିଥିବା ଶିଶୁ ମାନଙ୍କୁ ଅସ୍ତ୍ର କରୁଛନ୍ତି । ଆତଙ୍କବାଦୀ ମାନେ ଶିଶୁଙ୍କୁ ବନ୍ଧକ ରଖିବା ସହ ସେମାନଙ୍କୁ ପଶୁ ଭଳି ପଞ୍ଜୁରୀରେ ବନ୍ଦୀ କରି ରଖିଛନ୍ତି । ହମାସ୍ ଆତଙ୍କବାଦୀମାନେ ଗାଜା ପଟ୍ଟିରେ କେତେକ ଇସ୍ରାଇଲ୍ ନାଗରିକଙ୍କୁ ବନ୍ଧକ ରଖିଛନ୍ତି। ଏଥିରେ ମହିଳାଙ୍କ ସହିତ ବହୁ ସଂଖ୍ୟାରେ ଶିଶୁ ରହିଛନ୍ତି । ଇସ୍ରାଏଲ୍ ୱାର ରୁମ୍ ନିଜର ଅଫିସିଆଲ ଟ୍ୱିଟର ଆକାଉଂଟରେ ଏ ସମ୍ପର୍କିତ କିଛି ଫୋଟୋ ପୋଷ୍ଟ କରିବା ସହ ଉଲ୍ଲେଖ କରିଛି ଯେ, ହମାସ୍ ବହୁ ସଂଖ୍ୟାରେ ମହିଳାଙ୍କୁ ବନ୍ଧକ ରଖିଛି । ହମାସ୍ ର ମୁଖପାତ୍ର ଏକ ବୟାନରେ କହିଛନ୍ତି ଯେ, ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଯେତିକି ଭାବୁଛନ୍ତି, ବନ୍ଧକ ମାନଙ୍କର ସଂଖ୍ୟା ତା ଠାରୁ ଯଥେଷ୍ଟ ଅଧିକ ରହିଛି ।

### ଦାୟିତ୍ୱ ନେଲେ ବିଷ୍ଣୁପଦ ସେଠୀ

ଭୁବନେଶ୍ୱର, ୯।୧୦(ପି.ଏନ): ବରିଷ୍ଠ ପ୍ରଶାସକ ବିଷ୍ଣୁପଦ ସେଠୀ ସୋମବାର ପୂର୍ବାହ୍ନରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଲୋକସେବା ଭବନସ୍ଥିତ ବିଭାଗ ଦପ୍ତରରେ ଶ୍ରୀ ସେଠୀଙ୍କୁ ବିଭାଗୀୟ ପଦାଧିକାରୀମାନେ ସ୍ୱାଗତ ଜଣାଇଥିଲେ । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ କଲ୍ୟାଣମୂଳକ ଯୋଜନା ବାବଦରେ ଶ୍ରୀ ସେଠୀ ଅବଗତ ହୋଇଥିଲେ। ବିଭାଗୀୟ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ନିମନ୍ତେ ଅଧିକାରୀ ତଥା କର୍ମଚାରୀମାନେ ସ୍ୱଚ୍ଛତା ଓ ପ୍ରତିବଦ୍ଧତା ନେଇ କ୍ରିୟାଶୀଳ ହେବାକୁ ଶ୍ରୀ ସେଠୀ ପରାମର୍ଶ ଦେଇଥିଲେ। ମଧୁବାବୁ ପେନ୍‌ସନ ଯୋଜନା, ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ ଓ ଭିନ୍ନକ୍ଷମ ସଶକ୍ତିକରଣ କାର୍ଯ୍ୟକ୍ରମଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦେବାକୁ ପ୍ରମୁଖ ଶାସନ ସଚିବ କହିଥିଲେ । ବିଭାଗର ସ୍ୱତନ୍ତ୍ର ଶାସନ ସଚିବଙ୍କ ସମେତ ଅତିରିକ୍ତ ଶାସନ ସଚିବମାନେ ମଧ ଉପସ୍ଥିତ ଥିଲେ ।

## ବଲାଙ୍ଗିର: ରାଜ୍ୟ ସଭାପତିଙ୍କ ରାଲିରେ ଦୁଇ ବିଜେପି ନେତା ପିଟାପିଟି



ଭୁବନେଶ୍ୱର,୯।୧୦(ପି.ଏନ): ବଲାଙ୍ଗିରରେ ପଦାରେ ପଡିଛି ବିଜେପିର ଗୋଷ୍ଠୀ କନ୍ଦଳ। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ରାଲି ବେଳେ ଦଳୀୟ ନେତା ପିଟାପିଟି ହୋଇଛନ୍ତି। ଉଭୟ ଗୋଷ୍ଠୀର ସମର୍ଥକ ବି ମୁହାଁମୁହିଁ ହୋଇଛନ୍ତି ।ଆଜି ବିଜାଖମନରୁ ରାଜ୍ୟ ସଭାପତି ମନମୋହନ ସାମଲ ଓ ବଲାଙ୍ଗିର ସାଂସଦ ସଂଗୀତା କୁମାରୀ ସିଂହଦେଓ ଏକ ଶୋଭଯାତ୍ରାରେ ଆସି ଅପରାହ୍ନ ପ୍ରାୟ ୫ଟା ବେଳେ ବଲାଙ୍ଗିରରେ ପହଞ୍ଚିଥିଲେ। ଏହି ସମୟରେ ମନମୋହନ ସାମଲଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିବାକୁ ଚେଷ୍ଟା କରିଥିଲେ ୨୦୧୯ରେ ବଲାଙ୍ଗିର ସଦର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେପି ପ୍ରାର୍ଥୀ ହୋଇଥିବା ଅନନ୍ତ ଦାସ ଓ ନିଜକୁ ବିଜେପି ନେତା କହୁଥିବା ବଳରାମ ସିଂହ ଯାଦବ।ବାରଣ କରାଯିବା ସତ୍ତ୍ୱେ ଅନନ୍ତ ଦାସ ରାଜ୍ୟ ସଭାପତି ମନମୋହନ ସାମଲ ସବାର ହୋଇଥିବା ଜିପ୍‌ରେ ଚଢ଼ି ତାଙ୍କୁ ପୁଷ୍ପଗୁଚ୍ଛ ଦେବାକୁ ପ୍ରୟାସ କରିଥିଲେ। ସେ ଜିପ୍‌କୁ ଚଢ଼ୁଥିବା ବେଳେ ଗୋପାଳଜୀ ପାଣିଗ୍ରାହୀ ତାଙ୍କୁ ବାରଣ କରିଥିଲେ। ଫଳରେ ଦୁହିଁଙ୍କ ମଧ୍ୟରେ ଟଣାଓଟରା ଓ ହାତାହାତି ହୋଇଥିଲା। ତା'ଭିତରେ ଗୋପାଳଜୀ ପ୍ରାଣିଗ୍ରାହୀ ଜିପ୍‌ରୁ ପଡି ଯାଇଥିଲେ। ଏହା ପରେ ଗୋପାଳଜୀ ପାଣିଗ୍ରାହୀଙ୍କ ସମର୍ଥକମାନେ ଅନନ୍ତ ଦାସଙ୍କୁ ମାଡମାରିଥିଲେ। ତାଙ୍କ ଶାର୍ଟ ପୂରା ଚିରି ଯାଇଥିଲା।

### ପାଲେଷ୍ଟାଇନ ଅଧିକାରକୁ ସମର୍ଥନ କଲା କଂଗ୍ରେସ

ନୂଆଦିଲ୍ଲୀ,୯।୧୦(ପି.ଏନ): ଇସ୍ରାଏଲ ଓ ହମାସ ମଧ୍ୟରେ ଚାଲିଥିବା ଲଢ଼େଇକୁ ତୁରନ୍ତ ବନ୍ଦ କରିବା ସପକ୍ଷରେ ମତ ରଖିଛି କଂଗ୍ରେସ। ଏଥିସହ ଦୀର୍ଘଦିନ ହେଲା ପାଲେଷ୍ଟାଇନର ଲୋକମାନେ ନିଜର ଅଧିକାର, ଜମି, ନିଜସ୍ୱ ସରକାର ଓ ସମ୍ମାନର ସହ ବଞ୍ଚିବା ପାଇଁ କରୁଥିବା ସଂଘର୍ଷକୁ ଦଳ ସମର୍ଥନ ଘୋଷଣା କରିଛି ।ଆଜି ଦିଲ୍ଲୀରେ କଂଗ୍ରେସ ୱାର୍କିଂ କମିଟି(CWC) ବୈଠକ ବସିଥିଲା।



ଏହାପରେ ଦଳ ପକ୍ଷରୁ ଇସ୍ରାଏଲ ଓ ଆତଙ୍କୀ ସଂଗଠନ ହମାସ ମଧ୍ୟରେ ଚାଲିଥିବା ଲଢ଼େଇ ସମ୍ପର୍କରେ ମତ ରଖାଯାଇଛି।

## ଓଡିଆ ସୁନ୍ଦରୀଙ୍କ ମାୟାଜାଲରେ ଫସିଗଲେ ଦୁଇ ବିଏସ୍ଏଫ୍ ଯବାନ

ଭୁବନେଶ୍ୱର,୯।୧୦(ପି.ଏନ): ଓଡିଆ ସୁନ୍ଦରୀଙ୍କ ମାୟାଜାଲରେ ଫସିଗଲେ ଦୁଇ ବିଏସ୍ଏଫ୍ ଯବାନ। ଖାଲି ଫସିଗଲେନି, ଖୋଳ ହୋଇଗଲେ। ବାପାଙ୍କ ଦେହ ଖରାପ ହୋଇଛି କହି ଦୁଇ ବିଏସ୍ଏଫ୍ ଯବାନଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଗଲେ ସୁନ୍ଦରୀ। ଆଉ ଏବେ ଧରାଛୁଆଁ ଦେଉନାହାନ୍ତି। ଏପରି ଅଭିଯୋଗ ଆସିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳରୁ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାର ତଦନ୍ତ ଚଳାଇଛି ।ପୂରା ଘଟଣା ଏମିତି। ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଉଦୟଗିରି ଗାଁର ସନ୍ତୋଷ କୁମାର ରଣସିଂହ। ସେ ହେଉଛନ୍ତି ଜଣେ ବିଏସ୍ଏଫ୍ ଯବାନ। ଫେସ୍‌ବୁକ୍‌ରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳର







ପଦ୍ମାରାଣୀ(ଛଦ୍ମନାମ)ଙ୍କ ସହିତ ତାଙ୍କର ବନ୍ଧୁତା ଗଢ଼ି ଉଠିଥିଲା। ଉଭୟଙ୍କ ଭିତରେ ଚାଟିଂ ଚାଲିଥିଲା। ୨୦୨୨ ମସିହା ନଭେମ୍ବରରେ ସନ୍ତୋଷଙ୍କୁ ଫୋନ୍ କରିଥିଲେ ପଦ୍ମାରାଣୀ। କଥା ବାର୍ତ୍ତା ଭିତରେ ଦୁର୍ଘଟଣାରେ ବାପା ଆହତ ହୋଇଥିବା ପଦ୍ମାରାଣୀ କହିଥିଲେ। ତାଙ୍କ ଚିକିତ୍ସା ପାଇଁ ୫ ଲକ୍ଷ ଟଙ୍କା ମାଗିଥିଲେ ପଦ୍ମାରାଣୀ। ତାଙ୍କ ସରଳ କଥାକୁ ବିଶ୍ୱାସ କରି ୨୦୨୩ ଏପ୍ରିଲ୍ ୨୩ ତାରିଖରେ ପଦ୍ମାରାଣୀଙ୍କ ମାଆଙ୍କ SBI ଏକାଉଣ୍ଟରେ ଦୁଇ ଲକ୍ଷ ଟଙ୍କା ଜମା କରିଥିଲେ ସନ୍ତୋଷ। ତା'ପରେ ପଦ୍ମାରାଣୀ ଆଉ କିଛି ଟଙ୍କା ମାଗିଥିଲେ। ଏଥର ମଧ ବାପାଙ୍କ ଚିକିତ୍ସାର ବାହାନା କରିଥିଲେ। ତେଣୁ ସନ୍ତୋଷ ଫୋନ୍ ପେ' ମାଧ୍ୟମରେ କେତେବେଳେ ୫୦ ହଜାର ତ ଆଉ କେତେବେଳେ ୬୦ ହଜାର ଟଙ୍କା ଦେଇଥିଲେ। ଆଉ କେତେବେଳେ ୪୦ ହଜାର ଟଙ୍କା ଫୋନ୍ ପେ' ମାଧ୍ୟମରେ ସନ୍ତୋଷ ଦେଇଥିଲେ। ମୋଟ୍ ୪ ଲକ୍ଷ ଟଙ୍କା ସନ୍ତୋଷ ଦେଇଛନ୍ତି। ପରେ ସନ୍ତୋଷ ଛୁଟିରେ ଘରକୁ ଆସିଥିଲେ। ଘରେ ପହଞ୍ଚିବା ପରେ ପଦ୍ମାରାଣୀଙ୍କୁ ଟଙ୍କା ମାଗିଥିଲେ।

## ରାଜ୍ୟ ସରକାରଙ୍କ ଜନବିରୋଧୀ ଆଭିମୁଖ୍ୟର ପର୍ଦ୍ଦାଫାଶ କରିଛି ସିଏଜି ରିପୋର୍ଟ : ବିଜେପି

ଭୁବନେଶ୍ୱର, ୯।୧୦(ପି.ଏନ): ମୁଖ୍ୟମନ୍ତ୍ରୀଙ୍କ ତଥାକଥିତ ବିଶ୍ୱସ୍ତରୀୟ ପ୍ରଶାସନ ମଡେଲ ପ୍ରତି ନିକଟରେ ପ୍ରକାଶିତ ସିଏଜି ରିପୋର୍ଟ ଏକ ଶାଣିତ ବ୍ୟଙ୍ଗୋକ୍ତି । ଏନେଇ ଭାରତୀୟ ଜନତା ପାର୍ଟିର ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କରି କହିଛନ୍ତି ଯେ, ସରକାରଙ୍କ ବିଭିନ୍ନ ଉଦ୍ଦେଶ୍ୟ ସକାଶେ ଅନୁମୋଦିତ ଅର୍ଥ ଖର୍ଚ୍ଚ ନହୋଇପାରିଲେ ସେ ଅର୍ଥକୁ ପ୍ରତ୍ୟାର୍ପଣ କରାଯାଇଥାଏ। ୨୦୨୧–୨୨ଆର୍ଥିକ ବର୍ଷରେ ଖର୍ଚ୍ଚ ହୋଇପାରିନଥିବା ଏତାଦୃଶ ୩୭,୭୦୬କୋଟି ଟଙ୍କାରୁ ପ୍ରାୟ ୧୦୦କୋଟି ଟଙ୍କା ବର୍ତମାନ ପର୍ଯ୍ୟନ୍ତ ପ୍ରତ୍ୟାର୍ପଣ କରାଯାଇ ନାହିଁ। ପ୍ରତ୍ୟାର୍ପଣର ୯୯ପ୍ରତିଶତ ଅର୍ଥାତ୍ ୩୫, ୬୦୦କୋଟି ଟଙ୍କା ବର୍ଷର ଶେଷ ଦିନ ମାର୍ଚ୍ଚ ୩୧ରେ ପ୍ରତ୍ୟାର୍ପଣ କରାଯାଇଛି। ପ୍ରଣିଧାନ ଯୋଗ୍ୟ ୧୪ଟି ମଞ୍ଜୁର ଯୋଜନାର ୨୯ଟି କାର୍ଯ୍ୟକ୍ରମ ପାଇଁ ହୋଇଥିବା ୭୭୫୭କୋଟି ଟଙ୍କାରୁ ରାଜ୍ୟ ସରକାର ଗୋଟିଏ ମଧ ପଇସା ଖର୍ଚ୍ଚ କରିପାରି ନାହାନ୍ତି। ସେହିପରି ୨୦୧୩–୧୪ରୁ ୨୦୨୦–୨୧ ଆର୍ଥିକ ବର୍ଷ ମଧ୍ୟରେ ମଞ୍ଜୁରୀ ହୋଇଥିବା ବ୍ୟୟ ଅଟକଳରୁ ୨୬୩କୋଟି ଟଙ୍କା ଅଧିକ ଖର୍ଚ୍ଚ ହୋଇଛି। ଦୀର୍ଘ ୭ବର୍ଷର ଏହି ବେଆଇନ ଖର୍ଚ୍ଚକୁ ମାର୍ଚ୍ଚ ୨୦୨୨ ସୁଦ୍ଧା ନିୟମିତ କରାଯାଇପାରି ନାହିଁ। ଏହା ଭାରତୀୟ ସମ୍ବିଧାନର ଧାରା ୨୦୫କୁ ଖୋଲା ଉଲଘଂନ କରୁଛି ବୋଲି ସିଏଜି ମତ ପ୍ରକାଶ କରିଛନ୍ତି। ୨୦୨୧–୨୨ଆର୍ଥିକ ବର୍ଷରେ ରାଜ୍ୟ ସରକାର ପ୍ରଦାନ କରିଥିବା ୨୫ହଜାର ୯୩୧କୋଟି ଟଙ୍କାର ୭୦ପ୍ରତିଶତ ବା ୧୮,୧୦୪କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ଦେବାରେ ବିଫଳ ହୋଇଛନ୍ତି ରାଜ୍ୟ ସରକାର। ସେହିପରି ବିଭିନ୍ନ ବିଭାଗକୁ ୧୨୯କୋଟି ଟଙ୍କା ଅଗ୍ରୀମ ହିସାବରେ ଦିଆଯାଇଛି। ସେଥିରୁ ମାତ୍ର ୫୮ଲକ୍ଷ ଟଙ୍କାର ହିସାବ ମିଳୁଛି ଅବଶିଷ୍ଟ ୧୨୮କୋଟି ଟଙ୍କାର ଠିକଣା ପାଉନାହାନ୍ତି ସିଏଜି। ଆହୁରି ମଧ ବର୍ଷ ବର୍ଷ ଧରି ବିଭିନ୍ନ ବିଭାଗର ପର୍ସନାଲ ଲେଜର ଏକାଉଂଟରେ ୪,୩୫୭କୋଟି ଟଙ୍କା ପଡିରହିବା ଘଟଣାକୁ ସହଜରେ ଗ୍ରହଣ କରିନାହାନ୍ତି ସିଏଜି ଏବଂ ଏହି କାରଣରୁ ଜନସାଧାରଣଙ୍କ ଅର୍ଥର ଦୁରୁପଯୋଗ ଓ ତୋସାରପାତ ହୋଇଥିବାର ସନ୍ଦେହ କରି ସିଏଜି ରାଜ୍ୟ ସରକାରଙ୍କ ବିରୋଧରେ "ଫ୍ରଡ ବା ଧୋକାବାଜ" ଭଳି କଟୁ ଶବ୍ଦ ବ୍ୟବହାର କରିବାକୁ ପଛଘୁଂଚା ଦେଇନାହାନ୍ତି। ରାଜ୍ୟ ସରକାରଙ୍କ ୮୨ଟି ସରକାରୀ ଉଦ୍ୟୋଗ ମଧ୍ୟରୁ ୩ବର୍ଷ ଧରି ୩୯ଟିର ଆୟ ବ୍ୟୟ ହିସାବ ମିଳୁନାହିଁ। ଫଳରେ ସରକାରୀ ସଂସ୍ଥାମାନେ କମ୍ପାନୀ ଆକ୍ଟ ୨୦୧୩ର ଖୋଲା ଉଲଘଂନ କରୁଛନ୍ତି, ତାହା ଆଦୌ ଗ୍ରହଣଯୋଗ୍ୟ ନୁହେଁ ବୋଲି ଶ୍ରୀ ପଣ୍ଡା କହିଛନ୍ତି।୨୦୨୧ସୁଦ୍ଧା ପ୍ରଧାନମନ୍ତ୍ରୀ ୫୪ଟି କେନ୍ଦ୍ରୀୟ ମନ୍ତ୍ରଣାଳୟ ୩୧୦ଟି ଯୋଜନାରେ ଡିବିଟି ବା ସିଧାସଳଖ ଅର୍ଥ ହସ୍ତାନ୍ତିକରଣ ପକ୍ରିୟା ଆରମ୍ଭ କରିଥିଲେ। ସେହି ସମୟରେ ଓଡ଼ିଶା ସରକାର ମାତ୍ର ୭ଟି ବିଭାଗର ନଗଣ୍ୟ ୨୨ଟି ଯୋଜନାରେ ଏହାକୁ କାର୍ଯ୍ୟକାରୀ କରିଥିଲେ ।ରାଜ୍ୟ ସରକାର ଏହି ଡିବିଟିର ଭିତିଭୂମି ଅସଜଡା ଥିଲା, କାରଣ ଡିବିଟି ରୂପରେଖା ପ୍ରସ୍ତୁତ ପାଇଁ ଗଠିତ ରାଜ୍ୟସ୍ତରୀୟ ପରାମର୍ଶଦାତା କମିଟିରେ "ନ୍ୟାସନାଲ ପେମେଂଟ କର୍ପୋରେସନ ଅଫ ଇଣ୍ଡିଆ"ର କୌଣସି ପ୍ରତିନିଧିଙ୍କୁ ରଖାଗଲା ନାହିଁ। କିମ୍ବା ଏହାର ସେବା ଓ ପରାମର୍ଶ ଗ୍ରହଣ କରାଗଲା ନାହିଁ। ଫଳରେ ୭୦ହଜାର ୩୭ଜଣ ଦଳିତ ଓ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ପୋଷ୍ଟ ମାଟ୍ରିକ ସ୍କଲାରସିପ୍ ପାଇଁ ବର୍ଷେରୁ ସାଢ଼େ ୩ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ଏହି ସ୍କଲାରସିପ୍ ପାଇଁ ୧ଲକ୍ଷ ୨୮,୧୦୪ଜଣ ନକଲି ଛାତ୍ର ଆବେଦନ କରିପାରିଛନ୍ତି ଓ ସେମାନଙ୍କ ମଧ୍ୟରୁ କିଛି ଏହି ବୃତି ହାସଲ ମଧ କରିଛନ୍ତି। ଏକାଦଶ ଶ୍ରେଣୀରେ ନାମ ଲେଖାଇଥିବା ଦଳିତ ଓ ଆଦିବାସୀ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୨ପ୍ରତିଶତ, ବୈଷୟିକ ଓ ବ୍ୟବସାୟୀକ ଶିକ୍ଷାନୁଷ୍ଠାରେ ନାମ ଲେଖାଇଥିବା ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରୁ ୧୩ପ୍ରତିଶତ, ଉପାଧିତ୍ତର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୮ପ୍ରତିଶତ ଏହି ବୃତି ପାଇବାରୁ ବଂଚିତ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଖାତାରେ ଜମା ନହୋଇ ଭୂତ ଓ ଅଯୋଗ୍ୟ ଶିକ୍ଷାନୁଷ୍ଠାନମାନଙ୍କୁ ଏହି ବୃତି ଅର୍ଥ ଦେଇଦିଆଯାଇଛି। ଏଥିରୁ ଆଦିବାସୀ, ଦଳିତ ଓ ଅନ୍ୟାନ୍ୟ ମେଧାବୀ ଛାତ୍ରଛାତ୍ରୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ଅବହେଳା ସ୍ପଷ୍ଟ ହୋଇଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି ।ସିଏଜି ତଥ୍ୟ ଅନୁଯାୟୀ ଗ୍ରାମସଭା ଦ୍ୱାରା ଚୟନ କରାଯାଇଥିବା ୮ଲକ୍ଷ୫୯ହଜାର ବ୍ୟକ୍ତିଙ୍କୁ ହିତାଧିକାରୀ ତାଲିକାରୁ ବେଆଇନଭାବେ ବାଦ୍ ଦିଆଯାଇଛି। ସମସ୍ତ ଯୋଗ୍ୟତା ସତ୍ତ୍ୱେ ପ୍ରସ୍ତୁତ ତାଲିକାରୁ ୯୭.୫ପ୍ରତିଶତ ଦିବ୍ୟାଙ୍ଗ ଓ ଭୂମିହୀନଙ୍କ କ୍ଷେତ୍ରରେ ୩୦ପ୍ରତିଶତ ମୁଣ୍ଡଉପରେ ପକ୍କାଘର ପାଇପାରିନାହାନ୍ତି। କେଉଁଠାରେ ପୂର୍ଣ୍ଣାଙ୍ଗ ହୋଇଛି ବୋଲି ଦର୍ଶାଯାଇଥିବା ଘର ଅସମ୍ପୂର୍ଣ୍ଣ ରହିଛି ତ କେଉଁଠି ବାସଗୃହ ବଦଳରେ ଏହି ଯୋଜନାରେ ଦୋକାନ ଘର ନିର୍ମାଣ ହୋଇଛି, କେଉଁଠାରେ ଶୌଚାଳୟ, ସ୍ୱଚ୍ଛଜଳ ନାହିଁ ତ କେଉଁଠାରେ ବିଦ୍ୟୁତ ସଂଯୋଗ ନାହିଁ। କେତେକ ଜାଗାରେ ଏହି ଘରମାନଙ୍କୁ ରାସ୍ତା ନାହିଁ। ସାରା ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଏକ ପ୍ରହସନରେ ପରିଣତ କରିଛନ୍ତି ରାଜ୍ୟ ସରକାର ବୋଲି ଶ୍ରୀ ପଣ୍ଡା କହିଛନ୍ତି।

### ବର୍ଷକୁ ଦୁଇ ଥର ବୋର୍ଡ ପରୀକ୍ଷା ଦେବା ବାଧ୍ୟତାମୂଳକ ନୁହେଁ



ନୂଆଦିଲ୍ଲୀ,୯।୧୦(ପି.ଏନ): ଗୋଟିଏ ବର୍ଷରେ ଦୁଇ ଥର ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ବ୍ୟବସ୍ଥା ରହିଛି। କିନ୍ତୁ ଏହା ବାଧ୍ୟତାମୂଳକ ନୁହେଁ। ପିଲାମାନେ ଚାହିଁଲେ ନିଜ ପସନ୍ଦ ଅନୁସାରେ ଗୋଟିଏ ଥର ବୋର୍ଡ ପରୀକ୍ଷା ଦେଇପାରିବେ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।ବର୍ଷକ ମଧ୍ୟରେ ବୋର୍ଡ ପରୀକ୍ଷା ପାଇଁ ପିଲାମାନଙ୍କୁ ଗୋଟିଏ ସୁଯୋଗ ମିଳୁଥିବାରୁ ସେମାନେ ଅତ୍ୟଧିକ ଚାପରେ ରହୁଛନ୍ତି। ଏହାକୁ ଦୂର କରିବା ପାଇଁ ଦୁଇଟି ବୋର୍ଡ ପରୀକ୍ଷାର ବ୍ୟବସ୍ଥା କରାଯାଇଛି।








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଭ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି ।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକ୍ଣୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥିନ୍ତି ହ୍ରିତିକ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରୁସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରୁସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରୁସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

## 'କର୍ଫି'ର ଚିତ୍ରକର ଅମିତା






ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।




# ରାଜଧାନୀରେ ବସ୍ତିର ଇତିବୃତ୍ତି



ରାଜଧାନୀ ଭୁବନେଶ୍ୱର ଏବେ ଓଡ଼ିଶାବାସୀଙ୍କ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ପାଲଟିଛି। ସେଥିପାଇଁ ପ୍ରତିବର୍ଷ ଭୁବନେଶ୍ୱରରେ ଲୋକସଂଖ୍ୟା ହୁ ହୁ ହୋଇ ବୃଦ୍ଧି ପାଇବାରେ ଲାଗିଛି। ଏକ ତଥ୍ୟରୁ ଜଣାପଡିଛି ଯେ, ୨୦୧୯ ମସିହାରେ ଭୁବନେଶ୍ୱରରେ ଲୋକସଂଖ୍ୟା ୧୧ ଲକ୍ଷ ୩୧ ହଜାର ଥିବାବେଳେ ୨୦୨୦ରେ ୧୧ ଲକ୍ଷ ୬୩ ହଜାର, ୨୦୨୧ରେ ୧୧ ଲକ୍ଷ ୯୪ ହଜାର ଏବଂ ୨୦୨୨ରେ ଏହା ୧୨ ଲକ୍ଷ ୨୬ ହଜାରକୁ ବୃଦ୍ଧି ପାଇଛି। ଏବେ ଭୁବନେଶ୍ୱର ସ୍ମାର୍ଟସିଟିରେ ପରିଣତ ହେବାକୁ ଯାଉଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ପର୍ବ ମଧ୍ୟ ଶେଷ ସୋପାନରେ ପହଞ୍ଚିଛି। ରାସ୍ତାର ପ୍ରଶସ୍ତିକରଣ ଓ ସୌନ୍ଦର୍ଯ୍ୟକରଣ, ବସ୍ତି ଉଚ୍ଛେଦ ଅଭିଯାନ ଜାରି ରହିଛି। ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ମାନ୍ୟତା ପାଇବା ପୂର୍ବରୁ ଏହି ସହର ଘଞ୍ଚ ଜଙ୍ଗଲରେ ପରିଣତ ଥିଲା, ଲୋକସଂଖ୍ୟା ମଧ୍ୟ କମ୍ ଥିଲା। ଲୋକମାନେ ଦିନରେ ଯିବାକୁ ଭୟ କରୁଥିଲେ। ସେତେବେଳେ ରାଜଧାନୀରେ ବସ୍ତି ମଧ୍ୟ ନଥିଲା କି ବର୍ତ୍ତମାନ ଭଳି ଏତେ ସଂଖ୍ୟକ ଘର ନଥିଲା। କାଁ ଭାଁ ଯେଉଁଠି ଘର ଥିଲା, ସେହି ଘରୁ ଚୋରି ମଧ୍ୟ ହେଉଥିଲା। ବାଧ୍ୟ ହୋଇ ଘର ମାଲିକମାନେ ଚୋରର ଦାଉରୁ ରକ୍ଷା ପାଇବା ପାଇଁ ଭୁବନେଶ୍ୱରକୁ ଆସୁଥିବା ଲୋକମାନଙ୍କୁ ମାଗଣାରେ ଭଡ଼ାରେ ରଖୁଥିଲେ। ହେଲେ ୧୯୪୮ ମସିହା ଏପ୍ରିଲ ମାସ ୧୩ ତାରିଖରେ ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ମାନ୍ୟତା ପାଇବା ପରେ ଏହାର ରୂପରେଖ ବଦଳି ଯାଇଛି ଓ ପରବର୍ତ୍ତୀ ସମୟରେ ଭାରତରେ ଭୁବନେଶ୍ୱର ଏକ ପ୍ରମୁଖ ସହର ଭାବେ ପରିଗଣିତ ହୋଇଛି। ଏବେ ଭୁବନେଶ୍ୱରରେ ଗୋଟେ ଘରଭଡ଼ା ନେଇ ରହିବାକୁ ହେଲେ ସାରା ସହର ବୁଲିଆସିଲେ ମଧ୍ୟ ଘରଭଡ଼ା ମିଳିବା କଷ୍ଟସାଧ୍ୟ ହୋଇପଡ଼ିଛି।

ଭୁବନେଶ୍ୱର ରାଜଧାନୀର ମାନ୍ୟତା ପାଇବାର ବହୁବର୍ଷ ପୂର୍ବରୁ ଜଣେ ଇଞ୍ଜିନୟରଙ୍କର ଭୁବନେଶ୍ୱରକୁ ବଦଳି ହୋଇଥିଲା। ସେ ଭୁବନେଶ୍ୱରରେ ଯୋଗଦେବା ପରେ ତାଙ୍କୁ ଏକ ସରକାରୀ ଘର ମଧ୍ୟ ମିଳିଗଲା ଏବଂ ସେ ନିଜର ପରିବାର ସହିତ ସେହି ସରକାରୀ ଘରେ ରହିଲେ। ନିଜ ସରକାରୀ ଘରେ ରୋଷେଇବାସ ତଥା ଅନ୍ୟାନ୍ୟ ଘରୋଇ କାମ କରିବା ପାଇଁ ଇଞ୍ଜିନିୟର ଜଣଙ୍କ ନିଜ ଗାଁରୁ ଜଣେ ସ୍ତ୍ରୀଲୋକଙ୍କୁ ସାଙ୍ଗରେ ଆଣିଲେ ଏବଂ ସ୍ତ୍ରୀ ଲୋକଟି ରହିବା ପାଇଁ ସରକାରୀ ଘର ନିକଟରେ ଥିବା ଏକ ବିସ୍ତୀର୍ଣ୍ଣ ପଡ଼ିଆରେ ଗୋଟିଏ କୁଡ଼ିଆ ଘର ତିଆରି କଲେ। ସ୍ତ୍ରୀ ଲୋକଟି ଦିନରେ ଇଞ୍ଜିନିୟରଙ୍କ ଘରେ କାମ କରେ ଏବଂ ରାତିରେ ସେହି କୁଡ଼ିଆ ଘରେ ବିଶ୍ରାମ ନିଏ। ସ୍ତ୍ରୀଲୋକଟି କୁଡ଼ିଆ ଘରେ ଏକୁଟିଆ ଅସୁରକ୍ଷିତ ମନେ କରିବାରୁ ନିଜ ସ୍ୱାମୀଙ୍କ ସହିତ ସେହି କୁଡ଼ିଆ ଘରେ ରହିବା ପାଇଁ ଇଞ୍ଜିନିୟରବାବୁଙ୍କୁ ଅନୁରୋଧ କଲେ। ସ୍ତ୍ରୀ ଲୋକଟିର ଅନୁରୋଧ ରକ୍ଷା କରି ତାଙ୍କ ସ୍ୱାମୀଙ୍କୁ ମଧ୍ୟ ଭୁବନେଶ୍ୱରକୁ ନେଇଆସିଲେ। ସ୍ୱାମୀ ସ୍ତ୍ରୀ କିଛିଦିନ ରହିବା ପରେ, ତାଙ୍କ ସ୍ୱାମୀ ଜଣେ ଗୋପାଳକ ହୋଇଥିବାରୁ ଗାଁରୁ ଦୁଇଟି ଗାଈ ଭୁବନେଶ୍ୱର ଆଣିଲେ ଏବଂ କୁଡ଼ିଆ ଘର ପାଖକୁ ଲାଗି ଆଉ ଏକ ଘର ତିଆରି କଲେ। ସେହି ଘରେ ଗାଈ ଦୁଇଟିକୁ ରଖିଲେ। ସକାଳେ ଏବଂ ସନ୍ଧ୍ୟାରେ ଗୋପାଳକ ଜଣକ ଇଞ୍ଜିନିୟରଙ୍କ ଘରେ କ୍ଷୀର ଦେବା ସହିତ ପାଖ ସରକାରୀ ଘରେ ରହୁଥିବା ଲୋକମାନଙ୍କୁ ମଧ୍ୟ କ୍ଷୀର ଦେବା ଆରମ୍ଭ କଲେ। ଘରୋଇ ଗାଈ ଏବଂ ଦେଶୀ କ୍ଷୀର ହୋଇଥିବାରୁ, ରାଜଧାନୀର ବହୁ ଇଞ୍ଜିନିୟର, ଅଫିସର ଓ ଧନୀ ଘରର ଲୋକମାନେ ଗୋପାଳଙ୍କଠାରୁ କ୍ଷୀର ନେବା ପାଇଁ ଆଗ୍ରହ ପ୍ରକାଶ କଲେ। ଏହାର କିଛିଦିନ ପରେ ଗୋପାଳକ ଜଣକ ଗାଁରୁ ଆଉ ଚାରୋଟି ଗାଈ ଆଣିଲେ ଏବଂ ଗାଈଗୁଡ଼ିକର ଦେଖାଶୁଣା କରିବା ପାଇଁ ଗାଁରୁ ତାଙ୍କ ଦୁଇଭାଇଙ୍କୁ ମଧ୍ୟ ସାଙ୍ଗରେ ଆଣିଲେ। ସେମାନଙ୍କ ରହିବା ପାଇଁ ସେଠାରେ ଆଉ ଦୁଇଟି ଘର ମଧ୍ୟ ତିଆରି କଲେ। ଗୋପାଳକ ଏବଂ ତାଙ୍କ ଭାଇମାନେ ସେଠାରେ ରହି କ୍ଷୀର ବ୍ୟବସାୟ ଆରମ୍ଭ କଲେ ଏବଂ ରାଜଧାନୀର ବିଭିନ୍ନ ଅଞ୍ଚଳ ବୁଲି ସରକାରୀ ବାସଭବନ ଏବଂ ସ୍ଥାନୀୟ ଲୋକମାନଙ୍କ ଘରେ କ୍ଷୀର ଦେବା ଆରମ୍ଭ କଲେ। ଧୀରେ ଧୀରେ ରାଜଧାନୀରେ ଲୋକସଂଖ୍ୟା ବଢିବାକୁ ଲାଗିଲା। ସେହି ଅନୁପାତରେ ଗୋପାଳକ ଜଣଙ୍କ କ୍ଷୀର ଯୋଗାଇପାରିଲେ ନାହିଁ। ତାଙ୍କ କୁଡ଼ିଆ ଘର ନିକଟରେ ସକାଳେ ଓ ସନ୍ଧ୍ୟାରେ କ୍ଷୀର ନେବା ପାଇଁ ଲୋକ ଲମ୍ବା ଧାଡ଼ି ଲଗିଲା। ବାଧ୍ୟ ହୋଇ ଗୋପାଳକ ଜଣଙ୍କ ତାଙ୍କ ଦୁଇ ଶଳା ଓ ଶଳାଭାଉଜଙ୍କୁ ଭୁବନେଶ୍ୱର ନେଇ ଆସିଲେ ଏବଂ ସାଙ୍ଗରେ ଆଉ ୫ଟି ଗାଈ ମଧ୍ୟ ଆଣିଲେ। ସେମାନଙ୍କ ପାଇଁ ମଧ୍ୟ ଘରର ବନ୍ଦୋବସ୍ତ କରାଗଲା ଏବଂ ସେଠାରେ ଏକ ଛୋଟ ବସ୍ତି ଗଢିଉଠିଲା। ସେହି ବସ୍ତିରେ ସେମାନେ ରହି କ୍ଷୀର ବ୍ୟବସାୟ ଆରମ୍ଭ କଲେ। ଏହାର କିଛି ବର୍ଷ ପରେ ଇଞ୍ଜିନିୟର ବାବୁ ଜଣଙ୍କ ଚାକିରୀରୁ ଅବସର ନେଲେ ଓ ସରକାରୀ ବାସଭବନଟିକୁ ଛାଡ଼ି ଅନ୍ୟତ୍ର ଚାଲିଗଲେ ଏବଂ ଆଉ ଜଣେ ନୂଆ ଅଫିସର ତାଙ୍କ ପରିବାର ସହିତ ସେହି ସରକାରୀ ଘରେ ରହିଲେ। ମାତ୍ର ଗୋପାଳକମାନଙ୍କର ଛୋଟ ବସ୍ତିଟି ସେହିଠାରେ ହିଁ ରହିଥିଲା। ଧୀରେ ଧୀରେ ସେ ଅଞ୍ଚଳଟି ଗୋପାଳକ-ମାନଙ୍କର ଏକ ଛୋଟ ସାମ୍ରାଜ୍ୟରେ ପରିଣତ ହେଲା ଏବଂ ରାଜଧାନୀରେ ବସ୍ତିର ମୂଳଦୁଆ ପ୍ରତିଷ୍ଠା ହେଲା।





ସେହିପରି ଆଉ ଜଣେ ପ୍ରଶାସନିକ ଅଧିକାରୀ ଭୁବନେଶ୍ୱରରେ ନିଜର ନୂତନ ଗୃହ ନିର୍ମାଣ କରୁଥିବା ସମୟରେ କିଛି ଶ୍ରମିକ ଶ୍ରେଣୀର ଲୋକ ତାଙ୍କ ଗୃହକାର୍ଯ୍ୟରେ ନିୟୋଜିତ ଥିଲେ। ପ୍ରଶାସନିକ ଅଧିକାରୀ ଜଣକ ସରଳ ଓ ମେଳାପୀ ପ୍ରକୃତିର ଥିବାରୁ ଗୃହକାର୍ଯ୍ୟରେ ନିୟୋଜିତ ଥିବା ଦୁଇଜଣ ଶ୍ରମିକଙ୍କର ପ୍ରଶାସନିକ ଅଧିକାରୀଙ୍କ ସହିତ ଘନିଷ୍ଠତା ବୃଦ୍ଧି ପାଇଥିଲା। ସରକାରୀ ଜାଗାଟିଏ ହାତେଇବା ପାଇଁ ସେମାନେ ଧାର୍ଯ୍ୟ ସମୟ ଠାରୁ ଢେର ଅଧିକ ସମୟ ପ୍ରଶାସନିକ ଗୃହ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲେ। ଗୃହକାର୍ଯ୍ୟ ଶେଷ ହେବା ପରେ ଧୂର୍ତ୍ତ ଶ୍ରମିକ ଦୁଇଜଣ ପ୍ରଶାସନିକ ଅଧିକାରୀଙ୍କ ଜରିଆରେ ଭୁବନେଶ୍ୱରରେ ଦୁଇଟି ସରକାରୀ ଜାଗାକୁ ନିଜ ନିଜ ନାମରେ କରାଇ ନେଇଥିଲେ। ପରବର୍ତ୍ତୀ ସମୟରେ ଶ୍ରମିକ ଦୁଇଜଣ ନିଜ ଜାଗାରେ ଘରକରି ନିଜେ ରହିଲେ ଏବଂ ଭଡ଼ାରେ ମଧ୍ୟ ଲଗାଇଲେ। ଏହିପରି ଭାବରେ ଭୁବନେଶ୍ୱରରେ ବସ୍ତିସଂଖ୍ୟା ଏବଂ ବେସରକାରୀ ଘର ସଂଖ୍ୟା ବୃଦ୍ଧି ପାଇଲା। ଅର୍ଥ ରୋଜଗାର ଅନ୍ୱେଷଣରେ ଭୁବନେଶ୍ୱରକୁ ଆସୁଥିବା ଲୋକମାନେ କିଛିଦିନ ବେସରକାରୀ ଘରେ ଭଡ଼ାରେ ରହିଲା ପରେ ସେମାନେ ଖାଲି ପଡ଼ିଥିବା ସରକାରୀ ଜାଗାକୁ ଅକ୍ତିଆର କରି ଖଣ୍ଡିଏ ଖଣ୍ଡିଏ ଘର କରିବା ଫଳରେ ବସ୍ତି ସଂଖ୍ୟାରେ ବୃଦ୍ଧି ଘଟିଲା। ସରକାରୀ ତଥ୍ୟ ଅନୁସାରେ ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱରରେ ୪୩୬ଟି ବସ୍ତି ଥିବାବେଳେ ବେସରକାରୀ ଭାବେ ଏହା ୫୪୦କୁ ବୃଦ୍ଧି ପାଇଛି। ସେହିପରି ଭୁବନେଶ୍ୱରର ରାସ୍ତାକଡ଼ରେ ଥିବା ଅଧିକାଂଶ ଦୋକାନ ସରକାରୀ ଜମିରେ ନିର୍ମିତ।

ରାଜଧାନୀରେ ମାତ୍ରାଧିକ ବସ୍ତିସଂଖ୍ୟା ବୃଦ୍ଧି ପାଉଥିବାରୁ ରାଜଧାନୀବାସୀ ଓ ରାଜ୍ୟ ସରକାର ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ତରଫରୁ କମ୍ ଜାଗାରେ ବହୁତଳ ବିଶିଷ୍ଟ ଅଟ୍ଟାଳିକା ନିର୍ମାଣ କରି ସେଥିରେ ବସ୍ତିବାସିନ୍ଦାମାନଙ୍କୁ ଥଇଥାନ କରିବାକୁ ଯୋଜନା ପ୍ରସ୍ତୁତ କରି ଯେତେବେଳେ ବସ୍ତିଗୁଡ଼ିକ ଉଚ୍ଛେଦ କରିବାକୁ ଯାଉଛନ୍ତି, ସେତେବେଳେ ବସ୍ତିବାସିନ୍ଦାମାନେ ବସ୍ତି ଉଚ୍ଛେଦକୁ ବିରୋଧ କରୁଛନ୍ତି ଏବଂ ଉଚ୍ଛେଦକାରୀଙ୍କୁ ଆକ୍ରମଣ କରିବାକୁ ମଧ୍ୟ ପଛାଉନାହାଁନ୍ତି। ଫଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଏସବୁ ସତ୍ତ୍ୱେ ବସ୍ତିବାସିନ୍ଦାଙ୍କ ଦାବିକୁ ସହୃଦୟତାର ସହିତ ଗ୍ରହଣ କରି ରାଜଧାନୀ ଭୁବନେଶ୍ୱର ସମେତ କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲାରେ ରହୁଥିବା ବସ୍ତିବାସିନ୍ଦାଙ୍କୁ ୩୦ ବର୍ଗଫୁଟ ଜମି ଯୋଗାଇଦେବା ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଉକ୍ତ ଇଞ୍ଜିନିୟର ଜଣଙ୍କ ନିଜ ଘରେ କାମ କରିବାକୁ ଆଣିଥିବା ସ୍ତ୍ରୀଲୋକଟିକୁ ଯଦି ସେହି ପଡ଼ିଆରେ ଘର କରି ରହିବାକୁ ସୁଯୋଗ ଦେଇନଥାନ୍ତେ, ତେବେ ହୁଏତ ଭୁବନେଶ୍ୱରରେ ବସ୍ତିଗୁଡ଼ିକ ଜନ୍ମ ନେଇନଥାନ୍ତା କି ଲୋକମାନେ ସରକାରୀ ଜାଗାରେ ଘର କରି ସ୍ଥାୟୀ ଜମି ପଟ୍ଟା ପାଇଁ ସରକାରଙ୍କ ନିକଟରେ ଦାବି କରିନଥାନ୍ତେ। ବର୍ତ୍ତମାନ ଯେଉଁ ହାରରେ ଭୁବନେଶ୍ୱରରେ ବସ୍ତିସଂଖ୍ୟା ବୃଦ୍ଧି ପାଉଛି, ଆଗାମୀ ୨୦ ବର୍ଷ ମଧ୍ୟରେ ଭୁବନେଶ୍ୱର କେବଳ ବସ୍ତିମୟ ହୋଇଉଠିବ। ଭୁବନେଶ୍ୱରରେ ଘରଭଡ଼ା ନେଇ ରହିବା ସାଧାରଣ ଲୋକଙ୍କ ପାଇଁ ସ୍ୱପ୍ନ ପାଲଟିଯିବ, ଏଥିରେ କୌଣସି ସନ୍ଦେହ ନାହିଁ।

**ସୁବାଷ କୁମାର ତାରଣିଆଁ**
*କଣ୍ଠି, ବାହାରଣା, ବାଲିକୁଦା, ଜଗତସିଂହପୁର, ମୋ: ୮୩୨୮୮୪୦୨୧୪*

# ପତ୍ନୀଙ୍କ ତିରସ୍କାରରୁ ରାମଚରିତ ରଚନା

ତୁଳସୀ ଦାସଙ୍କର ରାମଚରିତ ମାନସ ରଚନା ପ୍ରସଙ୍ଗରେ ଗୋଟିଏ ସୁନ୍ଦର କାହାଣି ରହିଛି। ସଂବତ୍ ୧୫୮୩ ଜ୍ୟେଷ୍ଠ ଶୁକ୍ଳପକ୍ଷ ତ୍ରୟୋଦଶୀ ଗୁରୁବାର ଦିନ ଭରଦ୍ୱାଜ ଗୋତ୍ରୀୟା ଏକ ସୁନ୍ଦରୀ କନ୍ୟା ରତ୍ନାବଳୀଙ୍କ ସହିତ ତାଙ୍କର ବିବାହ ସମ୍ପନ୍ନ ହୋଇଗଲା। ନବବିବାହିତା ପତ୍ନୀଙ୍କ ସହିତ ସେ ସୁଖରେ କାଳାତିପାତ କରିବାକୁ ଲାଗିଲେ। ଥରେ ତାଙ୍କ ପତ୍ନୀ ନିଜ ଭାଇ ସହିତ ବାପଘରକୁ ଚାଲିଗଲେ। ତାଙ୍କ ପଛେ ପଛେ ତୁଳସୀ ଦାସ ମଧ୍ୟ ଯାଇ ଶ୍ୱଶୁରଘରେ ପହଞ୍ଚିଗଲେ। ପତିଙ୍କର ଏପରି ଆସକ୍ତି ଦେଖି ପତ୍ନୀ ତାଙ୍କୁ ବହୁ ଧିକ୍କାର କଲେ, କହିଲେ ମୋର ଏହି ଅସ୍ଥିମାଂସମୟ ଶରୀର ପ୍ରତି ତୁମର ଯେତିକି ଆସକ୍ତି ରହିଛି ତହିଁର ଅଧା ଯଦି ଭଗବାନ ଶ୍ରୀରାମଙ୍କ ଠାରେ ରହିଥାନ୍ତା, ତାହେଲେ ତୁମର ଭବସାଗର ପାରି ହୋଇଯାଆନ୍ତା। ପତ୍ନୀଙ୍କର ସେହି ବଚନ ତୁଳସୀ ଦାସଙ୍କ ହୃଦୟରେ ଗଭୀର ରେଖାପାତ କଲା। ସେ ଆଉ ଗୋଟିଏ ମୁହୂର୍ତ୍ତ ମଧ୍ୟ ଅପେକ୍ଷା ନକରି ଫେରିଆସିଲେ। ସେଠାରୁ ପ୍ରୟାଗ ଯାତ୍ରାକଲେ। ପ୍ରୟାଗରେ ଗୃହସ୍ଥବେଶ ପରିତ୍ୟାଗ କରି ସେ ସାଧୁବେଶ ଧାରଣ କଲେ ଏବଂ ତୀର୍ଥାଟନ କରୁ କରୁ ଆସି ପୁଣିଥରେ କାଶୀରେ ପହଞ୍ଚିଗଲେ। ମାନସରୋବର ନିକଟରେ ସେ କାକଭୁଶୁଣ୍ଡିଙ୍କର ଦର୍ଶନ ଲାଭ କଲେ। କାଶୀରେ ରହି ତୁଳସୀ ଦାସ ରାମକଥା କହିବାକୁ ଲାଗିଲେ। ସେଠାରେ ବାସ କରୁଥିବାବେଳେ ସେ ପ୍ରତ୍ୟହ ସନ୍ଧ୍ୟା ଉପାସନାଦି କରିସାରି ପୂଜାଜଳକୁ ନେଇ ଗୋଟିଏ ବଡ଼ ଗଛମୂଳେ ଢ଼ାଳି ଦେଉଥିଲେ। ସେହି ଗଛରେ ଗୋଟିଏ ପ୍ରେତ ରହୁଥାଏ। ପ୍ରତିଦିନ ପୂଜାଜଳାଦି ପାଇ ସେ ମୋକ୍ଷ ପାଇଗଲା। ଏଥିରେ ସନ୍ତୁଷ୍ଟ ହୋଇ ସେ ତୁଳସୀ ଦାସଙ୍କୁ ଦେଖାଦେଇ କହିଲା, ଆପଣ ମୋତେ ବହୁ କୃପାକଲେ। ମୋତେ କିଛି ବର ମାଗନ୍ତୁ। ତୁଳସୀ ଦାସ ଶ୍ରୀରାମଙ୍କ ଦର୍ଶନ ଅଭିଳାଷ ଜଣାଇଲେ। କିନ୍ତୁ ପ୍ରେତ କହିଲା 'ମୁଁ ପ୍ରଭୁଙ୍କୁ ଦେଖାଇପାରିବି ନାହିଁ, ହନୁମାନଙ୍କୁ ଦେଖାଇଦେବି।' ମନେରଖନ୍ତୁ ହନୁମାନ ଆପଣଙ୍କ ସତ୍‌ସଙ୍ଗରେ ପ୍ରତିଦିନ ଆସୁଛନ୍ତି। ତାଙ୍କୁ ପ୍ରାର୍ଥନା କଲେ, ସେ ପ୍ରଭୁଙ୍କୁ ଦେଖାଇଦେବେ, କିନ୍ତୁ ତୁଳସୀ ଦାସ ସତ୍‌ସଙ୍ଗରେ ହନୁମାନଙ୍କୁ ଦେଖିପାରିଲେ ନାହିଁ। ସେ ପ୍ରେତ ପାଖକୁ ଆସି ନିଜ ଦୁଃଖ ଜଣାଇଲେ। ପ୍ରେତ କହିଲା, ସତ୍‌ସଙ୍ଗ ଆରମ୍ଭ ହେବାବେଳକୁ ଜଣେ ବୃଦ୍ଧ ବ୍ରାହ୍ମଣ ଆସୁଛନ୍ତି। ସତ୍‌ସଙ୍ଗ ଶେଷରେ ସମସ୍ତେ ଯିବା ପରେ ସେ ଫେରୁଛନ୍ତି। ସେ ହିଁ ହନୁମାନ। ତାପରଦିନ ତୁଳସୀ ଦାସ ସେହି ବୃଦ୍ଧ ବ୍ରାହ୍ମଣଙ୍କୁ ଦେଖି ତାଙ୍କ ପାଦଧରି ସବୁକଥା କହିଲେ ଓ ଶ୍ରୀରାମଙ୍କ ସହିତ ଦେଖା କରାଇଦେବା ନିମନ୍ତେ ତାଙ୍କୁ ପ୍ରାର୍ଥନା କଲେ। ହନୁମାନ କହିଲେ 'ତୁମକୁ ଚିତ୍ରକୁଟଠାରେ ଶ୍ରୀରଘୁନାଥଙ୍କର ଦର୍ଶନ ମିଳିବ।' ଏହାଶୁଣି ତୁଳସୀ ଦାସ ଚିତ୍ରକୁଟ ଗଲେ। ଚିତ୍ରକୁଟରେ ତୁଳସୀ ଦାସ ରାମଘାଟରେ ନିଜର ଆସନ ଜମାଇଲେ। ଦିନେ ସେ କାମଦଗିରି ପରିକ୍ରମା କରିବାକୁ ଯାଉଥାନ୍ତି, ବାଟରେ ତାଙ୍କୁ ଶ୍ରୀରାମଙ୍କ ଦର୍ଶନ ମିଳିଲା। ସେ ଦେଖିଲେ, ଦୁଇଜଣ ସୁନ୍ଦର ରାଜକୁମାର ଧନୁର୍ବାଣ ଧରି ଅଶ୍ୱାରୋହଣ କରିଯାଉଛନ୍ତି। ସେମାନଙ୍କୁ ଦେଖି ତୁଳସୀଦାସ ମୁଗ୍ଧ ହୋଇଗଲେ ସତ କିନ୍ତୁ ଚିହ୍ନିପାରିଲେ ନାହିଁ। ପଛରୁ ହନୁମାନ ଆସି ତାଙ୍କୁ ସମସ୍ତ ରହସ୍ୟ ବୁଝାଇଦେଲେ। ତୁଳସୀ ଦାସ ଅତ୍ୟନ୍ତ ଅନୁତାପ କରିବାରୁ ତାଙ୍କୁ ସାନ୍ତ୍ୱନା ଦେଇ ହନୁମାନ କହିଲେ, ପ୍ରାତଃକାଳରେ ପୁଣି ଥରେ ଶ୍ରୀରାମଙ୍କ ଦର୍ଶନ ମିଳିବ। ସଂବତ୍ ୧୬୦୭ର ମୌନୀ ଅମାବାସ୍ୟା ବୁଧବାର ତାଙ୍କ ସମ୍ମୁଖରେ ଭଗବାନ ଶ୍ରୀରାମ ପୁନର୍ବାର ଆବିର୍ଭୂତ ହେଲେ। ସେ ବାଳକ ରୂପରେ ଆସି ତୁଳସୀ ଦାସଙ୍କୁ କହିଲେ, ବାବା! ଆମକୁ ଚନ୍ଦନ ଦିଅ। କାଳେ ଏଥର ବି ତୁଳସୀ ଦାସ ଚିହ୍ନିପାରିବେ ନାହିଁ ବୋଲି ଭାବି, ହନୁମାନ ଶୁଆରୂପ ଧରି ନିମ୍ନଲିଖିତ ଦୋହାଟି ଗାଇଦେଲେ - ଚିତ୍ରକୁଟ କେ ଘାଟ ପର ଭଇ ସଂତନ କୀ ଭୀର। ତୁଳସୀ ଦାସ ଚନ୍ଦନ ଘିସେଁ ତିଲକ ଦେତ ରଘୁବୀର। ସେହି ଅଦ୍‌ଭୁତ ଛବି ଦେଖି ତୁଳସୀ ଦାସ ଆତ୍ମହରା ହୋଇଗଲେ। ଭଗବାନ ନିଜ ହାତରେ





ଚନ୍ଦନ ନେଇ ନିଜ ଲଲାଟରେ ଲଗାଇଲେ ଏବଂ ତୁଳସୀ ଦାସଙ୍କ ଲଲାଟରେ ମଧ୍ୟ ଲଗାଇଦେଲେ। ତାପରେ ପ୍ରଭୁ ଅନ୍ତର୍ଦ୍ଧାନ ହୋଇଗଲେ। ସଂବତ୍ ୧୬୨୮ରେ ହନୁମାନଙ୍କ ଆଦେଶକ୍ରମେ ତୁଳସୀ ଦାସ ଅଯୋଧ୍ୟା ଆଡ଼କୁ ଚାଲିଲେ। ସେତେବେଳକୁ ପ୍ରୟାଗରେ ମାଘମେଳା ଅନୁଷ୍ଠିତ ହେଉଥାଏ। ସେ ସେଠାରେ କିଛିଦିନ ରହିଲେ। ମେଳାପର୍ବର ଛଅଦିନ ପରେ ଗୋଟିଏ ବରଗଛ ତଳେ ସେ ମୁନି ଭରଦ୍ୱାଜ ଓ ଯାଜ୍ଞବଲ୍କ୍ୟଙ୍କର ଦର୍ଶନ ଲାଭ କଲେ। ସେ ନିଜ ଗୁରୁଙ୍କ ମୁଖରୁ ଶୂକରକ୍ଷେତ୍ରରେ ଯେଉଁ ରାମକଥା ଶୁଣିଥିଲେ, ଏଠାରେ ମଧ୍ୟ ସେହି ଚର୍ଚ୍ଚା ଚାଲିଥିଲା। ସେଠାରୁ ସେ କାଶୀ ଚାଲିଆସି ପ୍ରହ୍ଲାଦଘାଟସ୍ଥ ଜଣେ ବ୍ରାହ୍ମଣଙ୍କ ଘରେ ରହିଲେ। ସେଠାରେ ତାଙ୍କ ଭିତରେ କବିତ୍ୱଶକ୍ତି ସ୍ଫୁରଣ ହେଲା। ସେ ସଂସ୍କୃତରେ ପଦ୍ୟ ରଚନା କରିବାକୁ ଲାଗିଲେ, କିନ୍ତୁ ବିସ୍ମୟର କଥା, ସେ ଦିନବେଳା ଯେତେ ପଦ୍ୟ ରଚନା କରୁଥାନ୍ତି, ରାତିରେ ସେସବୁ ଲୋପ ପାଇଯାଉଥାଏ। ଏପରି ଘଟଣା ପ୍ରତିଦିନ ଘଟୁଥାଏ। ଏପରିଭାବେ ଅଷ୍ଟମଦିନ ରାତିରେ ତୁଳସୀ ଦାସଙ୍କୁ ସ୍ୱପ୍ନାଦେଶ ହେଲା। ଭଗବାନ ଶଙ୍କର ସ୍ୱପ୍ନରେ ତାଙ୍କୁ କହିଲେ, ତୁମେ ଲୌକିକ ଭାଷାରେ ପଦ୍ୟ ରଚନା କର। ତୁଳସୀ ଦାସଙ୍କ ନିଦ ଭାଙ୍ଗିଗଲା। ସେ ଉଠି ବସିପଡ଼ିଲେ। ସେତେବେଳେ ଭଗବାନ ଶିବ ଓ ପାର୍ବତୀ ତାଙ୍କ ଆଗରେ ଆବିର୍ଭୂତ ହେଲେ। ତୁଳସୀ ଦାସ ସେମାନଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲେ। ଭଗବାନ ଶିବ କହିଲେ ତୁମେ ଯାଇ ଅଯୋଧ୍ୟାରେ ରହି ଅବଧି ଭାଷାରେ କାବ୍ୟ ରଚନା କର। ଆମ ଆଶୀର୍ବାଦରେ ତୁମ କବିତା ସାମବେଦସମାନ ଫଳବତୀ ହେବ। ଏତିକି କହି ଗୌରୀଶଙ୍କର ଅନ୍ତର୍ହିତ ହୋଇଗଲେ। ଭଗବାନଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ତୁଳସୀଦାସ ଅଯୋଧ୍ୟା ଚାଲିଆସିଲେ। ଆଜି ପବିତ୍ର ଶ୍ରୀରାମ ନବମୀ ପାଳନ ଅବସରରେ ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ପଦାର ବିନ୍ଦରେ ଏତିକି ପ୍ରାର୍ଥନା, ଯେଉଁ କୋଦଣ୍ଡ ଧନୁ ଟଙ୍କାରରେ ତାଙ୍କ ଅବତାରୀ ଜୀବନ ଭାରତୀୟ ସଂସ୍କୃତିକୁ ରୁଦ୍ଧିମନ୍ତ କରିଛି, ସେଇ ଧନୁର୍ବାଣ ସମଗ୍ର ବିଶ୍ୱରୁ ଦୁଃଖର ଦାବାନଳକୁ ଦହନ କରୁ । ଜୟ ଶ୍ରୀରାମ ।

**ବିପିନବିହାରୀ ରାଉତ**
**ଶ୍ରୀବିହାର କଲୋନୀ, କଟକ,**
**ଦୂରଭାଷ: ୯୪୩୭୬୬୬୪୫୩,**
**E-mail: bipinrout@rediffmail.com**

## ଓମ୍ୟାଡସି ସିଇଓ ତଥା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର (ଆ.ପ୍ର.): ଓମ୍ୟାଡସି ସିଇଓ ତଥା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଡକ୍ଟର କେ.ମୁର୍ଗେସେନଙ୍କ କେନ୍ଦୁଝର ଜିଲ୍ଲାକୁ ୨ଦିନିଆ ଗସ୍ତରେ ଆସିଛନ୍ତି। ପ୍ରଥମ ଦିନରେ ସ୍ଥାନୀୟ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କାର୍ଯ୍ୟାଳୟ ପରିସରରେ ଓମ୍ୟାଡସି ଅର୍ଥରେ ସିଏକ୍ୟୁଏମଏସ ବୁଲି ଦେଖିଥିଲେ। ସେଠାରେ ବସାଯାଇଥିବା ଡିସପ୍ଲେ ବୋର୍ଡକୁ ସମସ୍ତଙ୍କ ଦୃଶ୍ୟମାନ ହେବା ପାଇଁ ଉଚ୍ଚତା ବଢାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସେ ଓମ୍ୟାଡସି ଅର୍ଥରେ ପଦ୍ମପୁର ସ୍ଥିତ ମେଗା ନର୍ସରୀରେ ଗ୍ରୀନ ବେଲ୍ଟ ପ୍ରୋଜେକ୍ଟ ରେ ଲଗାଯାଇଥିବା ୧୮ ମାସର ଚାରା ବୁଲି ଦେଖିଥିଲେ। ଏହା ପରେ ସଦର ବ୍ଲକ ବୋଦାପଲସା ଗ୍ରାମରେ ଓମ୍ୟାଡସି ଅର୍ଥରେ ଓଡିଶା ଆଦର୍ଶ ବିଦ୍ୟାଳୟର ସ୍କୁଲ ଓ ହଷ୍ଟେଲ ଭିତ୍ତିଭୂମି ନୀରିକ୍ଷଣ କରିଥିଲେ। ଏଠାରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଯାଇ ଓମ୍ୟାଡସି ଅର୍ଥରେ ନିର୍ମିତ ଶତାବ୍ଦି କୋଠା ଓ ଷ୍ଟାଫ କ୍ୱାର୍ଟର ବୁଲି ଦେଖିଥିଲେ। ଏହାପରେ କେନ୍ଦୁଝର ପୌରାଞ୍ଚଳର ସିଦ୍ଧମଠରେ ଥିବା ମଡେଲ ଅଙ୍ଗନୱାଡି କେନ୍ଦ୍ର ବୁଲି ଦେଖିଥିଲେ। ସେଠାରୁ ସେ ଡିମ୍ବୋ ଗ୍ରାମକୁ ଯାଇ ବଡି ପ୍ରସ୍ତୁତ କ୍ଲଷ୍ଟର ବୁଲି ଦେଖି ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସେ କଲେଜରୋଡ ସ୍ଥିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ଗସ୍ତ କରି ସମୀକ୍ଷା କରିବା ସହ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ସହିତ ଡିଏଫଓ ଧନରାଜ ଏଚ୍‌ଡି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ ପୁଷ୍କର ଚନ୍ଦ୍ର ବେହେରା,ପିଡି ଡିଆରଡିଏ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ରବିବାର ଦିନ ଖଣି ଅଞ୍ଚଳରେ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥାକୁ ନୀରିକ୍ଷଣ କରିଛନ୍ତି। ପ୍ରଥମେ ଦେଓଝର ସ୍ଥିତ ଜିନ୍ଦଲ ଷ୍ଟଇଲ ଏଣ୍ଡ ପାୱାର ପିଲେଟ ପ୍ଲାଣ୍ଟ ପରିଦର୍ଶନ କରି ପ୍ରଦୂଷଣ ନିରାକରଣ ପାଇଁ କଣ ପଦକ୍ଷେପ ନିଆଯାଇଛି ତାହାର ସମୀକ୍ଷା କରିଥିଲେ। ପରେ ପରେ ବିଲେଇପଦାସ୍ଥିତ ଟାଟା ଷ୍ଟିଲ ଲଙ୍ଗ ପ୍ରଡକ୍ଟ ଲିଃ ପରିସରରେ ଓମ୍ୟାଡସି ଅନୁଦାନରେ ସିଏକ୍ୟୁଏମଏସ ଦେଖିଥିଲେ। ପରେ ପରେ ମେସର୍ସ ଜେଏସଡବ୍ଲ ପରିଚାଳିତ ନୂଆଗାଁ ଆଣଇନ ଓର ମାଇନ୍ସ ପରିଦର୍ଶନ କରିବା ପରେ ସେଠାରେ ବୃକ୍ଷରୋପଣ କରିଥିଲେ।

## ୧୨ରୁ ଓଡ଼ିଆ ମହୋତ୍ସବ ଓ ଓଡ଼ିଆଣୀ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ

ଭୁବନେଶ୍ୱର (ପିଏନ୍)-ଏକ ଭିନ୍ନତା ଓ ଅନନ୍ୟତାର ସ୍ୱାକ୍ଷର ବହନ କରି ଆୟୋଜିତ ହେଉଥବା ଓଡ଼ିଆ ମହୋତ୍ସବ ଏକ ବାରବରଷ ଅତିକ୍ରମ କରି ତ୍ରୟୋଦଶ ବର୍ଷରେ ପହଞ୍ଚିଛି। ସାଧାରଣତଃ ଉତ୍ସବ ଓ ମହୋତ୍ସବରେ ନୃତ୍ୟ ଗୀତ ଆଦି ମନୋରନକୁ ପ୍ରାଧାନ୍ୟ ମିଳୁଥିବା ବେଳେ ଏହି ଭିନ୍ନତାର ମହୋତ୍ସବ ଓଡ଼ିଆ ପ୍ରଥା,ପରମ୍ପରା,ପରିଚୟ,ଭାଷା ଓ ସଂସ୍କୃତି ଆଧାରିତ ଏକ ନିଆରା ଉତ୍ସବ। ଏହି ଉଦ୍ଦେଶ୍ୟରେ ଏହି ମହୋତ୍ସବର ମୁଖ୍ୟ କାର୍ଯ୍ୟକ୍ରମ ଭାବେ ଅୟୋଜିତ ହୋଇଥାଏ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା। ଓଡ଼ିଆଙ୍କର ନିଚ୍ଛକ ପରିଚୟ ଭାବେ ଓଡ଼ିଆଣୀମାନେ ଯେଉଁଗୁଡିକୁ ପରମ୍ପରା ଓ ପ୍ରଥା ଭାବେ ପାଳନ କରିଆସିଥାଆଁ ସେହି ଗୁଡିକୁ ସଗର୍ବେ ଉପସ୍ଥାପନ କରିବାର ଅବସର ହେଉଛି ଏହି ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା। ତନ୍ମଧ୍ୟରେ ଝୋଟି, ପିଠା, ମୁରୁଜ, ଢଗଢମାଳି, ଶଙ୍ଖଫୁଙ୍କା, ହୁଳହୁଳି, ପୁରାଣ ଆବୃତ୍ତି, ପାରମ୍ପରିକ ସଂଗୀତ, ଓଡ଼ିଆ ଭାଷାଜ୍ଞାନ,ମୁଁ ଓଡ଼ିଆଣୀ ଓ ଓଡ଼ିଆଣୀ ବେଶଭୂଷାକୁ ନେଇ ପରିକଳ୍ପିତ ଏହି ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା। ବିପଦାପନ୍ନ ଓଡ଼ିଆ ଭାଷା,ସଂସ୍କୃତି,ପରମ୍ପରା,ଐତିହ୍ୟ ଓ ସ୍ୱାଭିମାନ ତଥା ଅସ୍ମିତାର ସୁରକ୍ଷା ଓ ସଂପ୍ରସାରଣ ଲକ୍ଷ୍ୟରେ ଆୟୋଜିତ ଏହି ମହୋତ୍ସବ ଚଳିତ ବର୍ଷ ବିଶ୍ୱ ମାତୃଭାଷା ଦିବସରୁ ଆରମ୍ଭ ହେବା ସହ ଓଡ଼ିଆ ମହୋତ୍ସବର ଆକର୍ଷଣୀୟ କାର୍ଯ୍ୟକ୍ରମ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଉତ୍କଳ ଦିବସ ଠାରୁ ଆରମ୍ଭ ହୋଇଛି। ଯାହାକି ଆସ'। ଅପ୍ରେଲ ୧୨,୧୩ ଓ ୧୪ ତିନି ଦିନ ଧରି ପ୍ରତ୍ୟହ ସଂଧ୍ୟା ୬ ଘଟିକାରେ ଏକାମ୍ର ହାଟଠାରେ ଅନୁଷ୍ଠିତ ହେବାକୁ ଥିବା ଉଦ୍‌ଯାପନୀ ଉତ୍ସବ ସହ ଶେଷ ହେବ। ଏହି ଅବସରରେ ଓଡ଼ିଆ ମହୋତ୍ସବ ସମ୍ମାନ-୨୦୨୨ ଘୋଷଣା କରାଯାଇଥିଲା। ଓଡ଼ିଆ ଭାଷାର ପୁରାତନ ଚଳଚ୍ଚିତ୍ରର ସଂରକ୍ଷଣ ଓ ପ୍ରଦର୍ଶନ ପାଇଁ ଅଭିଯାନରତ ଚଳଚ୍ଚିତ୍ର ଓ ସଂସ୍କୃତି ସମୀକ୍ଷକ ସୂର୍ଯ୍ୟ ଦେଓ, ବିଚ୍ଛିନ୍ନାଞ୍ଚଳ ଝାଡଖଣ୍ଡରେ ଓଡ଼ିଆ ଭାଷା,ସଂସ୍କୃତି ସୁରକ୍ଷା ପାଇଁ ଉଦ୍ୟମରତ କାର୍ତ୍ତିକ କୁମାର ପରିଚ୍ଛା, ଓଡ଼ିଆ ଐତିହ୍ୟ ଓ କିର୍ତ୍ତୀରାଜିର ସୁରକ୍ଷା ତଥା ଗବେଷଣା ପାଇଁ ଅରୁଣ କୁମାର ନାୟକଙ୍କୁ ଓଡ଼ିଆ ମହୋତ୍ସବ ସମ୍ମାନ-୨୦୨୨ରେ ଓଡ଼ିଆ ନୂଆବର୍ଷ ସଂଧ୍ୟାରେ ସମ୍ବର୍ଦ୍ଧିତ କରାଯିବ। ପ୍ରତ୍ୟହ ସଂଧ୍ୟାରେ ଏକାମ୍ର ହାଟଠାରେ ଓଡ଼ିଆ ଭାଷା,ସଂସ୍କୃତି,ପରମ୍ପରା,ଐତିହ୍ୟ ପ୍ରେମୀ ଓଡ଼ିଆ ଭାବେ ଉପସ୍ଥିତ ରହି ଏହି ଅଭିଯାନକୁ ଉତ୍ସାହିତ କରିବା ପାଇଁ ସଂଭାବନା ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ସଂଭାବନାର ସଂପାଦକ ତଥା ପରିଚାଳନା ଟ୍ରଷ୍ଟି ଦେବ ପ୍ରସାଦ ପରିଜା,ସଂଗୀତ ଶିଳ୍ପୀ ଛନ୍ଦା ମିଶ୍ର,୨୦୨୧ର ଶ୍ରେଷ୍ଠ ଓଡ଼ିଆଣୀ ରଶ୍ମି ସାହୁ, ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆଣୀ ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ବିଦ୍ୟୁଲତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ହୃଦ୍‌ଘାତରେ କ୍ରାଇମ ବ୍ରାଞ୍ଚ ଅଧିକାରୀଙ୍କ ପରଲୋକ



ଫୁଲନଖରା (ପିଏନ୍)-କଟକ କ୍ରାଇମ ବ୍ରାଞ୍ଚରେ ଏଏସଆଇ ଭାବେ କାର୍ଯ୍ୟରତ ଶଙ୍ଖତ୍ରାସ ଅଞ୍ଚଳର ଆଶୁତୋଷ ନନ୍ଦଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୫୮ବର୍ଷ ବୟସ ହୋଇଥିଲା। ସେ ଶଙ୍ଖତ୍ରାସ ଅଞ୍ଚଳରେ ଜଣେ ଦକ୍ଷ ଫୁଟବଲ ଖେଳାଳିଭାବେ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡ଼ଭାଇ ଡାକ୍ତର ଅରବିନ୍ଦ ନନ୍ଦଙ୍କ ସହିତ ଭାଉଜ, ସାନଭାଇ, ଭାଇବୋହୂ, ପୁତୁରା, ଝିଆରୀ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଏହି ଖବର ପାଇ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ସଦର ଆଇଆଇସି ସୁଧାଂଶୁ ଜେନା, ଆଇନଜୀବୀ ଉମାକାନ୍ତ ନନ୍ଦ, ପ୍ରଦ୍ୟୁମ୍ନ କୁମାର ପତି, ଚନ୍ଦ୍ରମଣି ପ୍ରଧାନ, ଡଃ. ଶରତ କୁମାର ରଥ, ଶ୍ରୀ ସନ୍ନ୍ୟାସୀ ଜୀ, ସୁରେନ୍ଦ୍ରନାଥ ଛୋଟରାୟ, ସରପଞ୍ଚ ଗାୟତ୍ରୀ ପରିଡ଼ା, ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ଲଳିତକୁମାର ଦାଶ, ଆଶାଲତା ବେହେରା, ନିହାରରଂଜନ ନନ୍ଦ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ପାର୍ଥିବ ଶରୀରକୁ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା; ପୁତୁରା ଅସିତକୁମାର ନନ୍ଦ ମୁଖାଗ୍ନି ଦେଇଥିଲେ। ଏହି ଦୁଃଖଦ ଘଟଣାରେ ଶଙ୍ଖତ୍ରାସ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

## ଖଣ୍ଡପଡା ଏନଏସି ୮ଟି ୱାର୍ଡରୁ ବିଜେଡି,ଗୋଟିଏରୁ ବିଜେପି ଓ ୪ରୁ ସ୍ୱାଧୀନ ପ୍ରାର୍ଥୀ ବିଜୟୀ

ଖଣ୍ଡପଡା (ପିଏନ୍): ଖଣ୍ଡପଡା ବିଜ୍ଞାପିତ ଅଂଚଳ ପରିଷଦ ପାଇଁ ଅନୁଷ୍ଠିତ ନିର୍ବାଚନର ଫଳାଫଳ ଘୋଷିତ ହୋଇଛି । ୧୩ଟି ୱାର୍ଡକୁ ନେଇ ଗଠିତ ଖଣ୍ଡପଡା ବିଜ୍ଞାପିତ ଅଂଚଳ ପରିଷଦର ୧୨ନଂ ୱାର୍ଡରୁ ବିଜେଡି ପ୍ରାର୍ଥୀନି ବିମଳା ପ୍ରଧାନ ନିର୍ଦ୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ବେଳେ ବାକି ୭ଟି ୱାର୍ଡରେ ବିଜେଡି ପ୍ରାର୍ଥୀ/ପ୍ରାର୍ଥୀନି ବିଜୟୀ ହୋଇଥିବା ଜଣାଯାଇଛି ଖଣ୍ଡପଡା ସହରାଂଚଳର ୮ଟି ୱାର୍ଡକୁ ଶାସକଦଳ ନିଜ କବ୍‌ଜାରେ ରଖିଥିବାବେଳେ ୪ଟି ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ ଓ ୫ନଂ ୱାର୍ଡରୁ ଏକମାତ୍ର ବିଜେପି ପ୍ରାର୍ଥୀ ଶ୍ୟାମସୁନ୍ଦର ରାମ ନିର୍ବାଚିତ ହୋଇଥିବା ଜଣାଯାଇଛି । ସହରର ୧ ନଂ ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀ ସରୋଜ କୁମାର ପ୍ରଧାନ ୨୩୭ ଖଣ୍ଡ ଭୋଟ ଓ ୨ନଂ ୱାର୍ଡରୁ ବିଜେଡି ପ୍ରାର୍ଥୀନି ରଶ୍ମିତା ଦାସ ୨୪୦ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି । ୩ ନଂ ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀନି କୁମୁଦିନି ନାୟକ ୨୪୮ ଖଣ୍ଡ ,୪ ନଂ ୱାର୍ଡରୁ ବିଜେଡି ପ୍ରାର୍ଥୀ ଜତିନ କୁମାର ଦଳେଇ ୨୯୯ ଖଣ୍ଡ,୫ନଂ ୱାର୍ଡରୁ ବିଜେପି ପ୍ରାର୍ଥୀ ଶ୍ୟାମସୁନ୍ଦର ରାମ ୧୦୪ ଖଣ୍ଡ, ୬ ନଂ ୱାର୍ଡରୁ ବିଜେଡି ପ୍ରାର୍ଥୀନ ପ୍ରମୋଦିନୀ ଦାସ୧୫୭ ଖଣ୍ଡ ,୭ ନଂ ୱାର୍ଡରୁ ବିଜେଡି ପ୍ରାର୍ଥୀ ମିହିର କୁମାର ମିଶ୍ର୧୯୦ ଖଣ୍ଡ ଭୋଟ, ୮ନଂ ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀ ଦିଗାମ୍ବର ମିଶ୍ର ୩୩୧ ଖଣ୍ଡ, ୯ନଂ ୱାର୍ଡରୁ ବିଜେଡି ପ୍ରାର୍ଥୀନି ବିଜୁଳି ଚୌଧୁରୀ ୨୩୦ ଖଣ୍ଡ ,୧୦ ନଂ ୱାର୍ଡରୁ ବିଜେଡି ପ୍ରାର୍ଥୀ ସତ୍ୟପ୍ରିୟ ମହାପାତ୍ର ୨୦୧ ଖଣ୍ଡ ,୧୧ନଂ ୱାର୍ଡରୁ ବିଜେଡି ପ୍ରାର୍ଥୀନି ମୋନାଲି ପ୍ରିୟଦର୍ଶୀନି୨୨୧ ଖଣ୍ଡ ,୧୩ ନଂ ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀନି ପିଙ୍କି ସାହୁ ୩୦୪ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିବା ପ୍ରଶାସନ ସୁତ୍ରରୁ ଜଣାପଡିଛି ।

## ଖଣ୍ଡପଡା ଥାନାରେ ହାଜର ହେଲେ ଏନଏସି ଅଧକ୍ଷାଙ୍କ ସ୍ୱାମୀ

ଖଣ୍ଡପଡା (ପିଏନ୍): ଗତ ମାସ ୨୪ ତାରିଖରେ ଖଣ୍ଡପଡା ବିଜ୍ଞାପିତ ଅଂଚଳ ପରିଷଦ ପାଇଁ ଭୋଟଗ୍ରହଣ ଚାଲିଥିବାବେଳେ ମହିଳା ମହାବିଦ୍ୟାଳୟ ମତଦାନ କେନ୍ଦ୍ର ସମ୍ମୁଖରେ ଗଣ୍ଡଗୋଳ ଘଟିଥିଲା । ନବ ନିର୍ବାଚିତ ଖଣ୍ଡପଡା ଏନଏସି ଅଧକ୍ଷା ଆରତୀ ପ୍ରଧାନଙ୍କ ସ୍ୱାମୀ ବିଧାନଚନ୍ଦ୍ର ପ୍ରଧାନ ବ୍ଲକ ଉପାଧକ୍ଷ ଶିଶିର କୁମାର ସାହୁଙ୍କୁ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ । ଏହି ଘଟଣାରେ ୨ ପକ୍ଷରୁ ଲିଖିତ ଅଭିଯୋଗକ୍ରମେ ପୋଲିସ ୨ଟି ମାମଲା ରୁଜୁ କରିଥିବା ବେଳେ ଏନଏସି ଅଧକ୍ଷାଙ୍କ ସ୍ୱାମୀ ଖଣ୍ଡପଡା ଥାନାରେ ହାଜର ହୋଇଥିଲେ । ତେବେ ସର୍ତମୂଳକ ଜାମିନରେ ଶ୍ରୀ ପ୍ରଧାନଙ୍କୁ ପୋଲିସ ଛାଡିଥିବା ଥାନାଧିକାରୀ ବିଶ୍ୱଜିତ ରାଉତରାୟଙ୍କଠାରୁ ପ୍ରକାଶ ।




# ଲାଠି ପଞ୍ଚାୟତରେ କୁକୁଡ଼ାଖଣ୍ଡି ବ୍ଲକ ବିଜେଡିର ପ୍ରଥମ ଜନ ସମ୍ପର୍କ ପଦଯାତ୍ରା

କୁକୁଡାଖଣ୍ଡି,ଇଫିଲି ପୂର୍ଣ୍ଣଚନ୍ଦ୍ର, (ପିଏନ):ଅକ୍ଟୋବର ୨ ତାରିଖ ଠାରୁ ବିଜେଡି ଦଳର ସୁପ୍ରିମୋ ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଦଳର ନେତା ଓ କର୍ମୀ ମାନଙ୍କ ନେତୃତ୍ୱରେ ସାରା ଓଡ଼ିଶାରେ ଏହି ଜନ ସମ୍ପର୍କ ପଦଯାତ୍ରା ଜାରି ରହିଛି। ଏହି ପଦ ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଲୋକଙ୍କ ସହିତ କିଭଳି ସୁ-ସମ୍ପର୍କ ସ୍ଥାପନ କରିବା ଏବଂ ସାଧାରଣ ଜନତାଙ୍କ ସୁଖ ଦୁଃଖରେ ନିଜକୁ ସାମିଲ କରି ଦଳକୁ ତୃଣମୂଳ ସ୍ତରରୁ ମଜବୁତ କରିବା ଏହାର ମୂଳ ଲକ୍ଷ । ସୋମବାର ଦିନ କୁକୁଡାଖଣ୍ଡି ବ୍ଲକ ବିଜେଡି ପକ୍ଷରୁ ଲାଠି ପଞ୍ଚାୟତରେ ଏହି ପଦ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ପଦ ଯାତ୍ରାରେ ଲାଠି ପଞ୍ଚାୟତର ଶତାଧିକ ପୁରୁଷ ଓ ମହିଳା କର୍ମୀ ଯୋଗଦେଇ ପ୍ରଥମେ ଲାଠୀ ଛକରେ ଥିବା ବିଜୁବାବୁଙ୍କ ପ୍ରତି ମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିବା ସହ ବିଜୁ ବାବୁ ଅମର ରହେ ନାରା ଦେଇ ପଦ ଯାତ୍ରାରେ ବାହାରି ଗ୍ରାମର ପ୍ରତ୍ୟେକ ସାହି ଗଳିକନ୍ଦି ବୁଲି ବିଜେଡି ସରକାରଙ୍କ ଜନ କଲ୍ୟାଣ ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ର,ଉପାଧକ୍ଷା ବିଷ୍ଣୁପ୍ରିୟା ପାତ୍ର,ବ୍ଲକ ବିଜେଡି ସଭାପତି ସୀତାରାମ ସାହୁ,ବରିଷ୍ଠ ବିଜେଡି ନେତା ଉଦୟ କୁମାର ବେହେରା, ସିଏର୍.ସୀମାଦ୍ରି ପାତ୍ର,ବ୍ଲକ ବିଜେଡି ଉପସଭାପତି କୈଳାଶ ବିଷୋୟୀ, ରବିନ୍ଦ୍ର ମହାରଣା, ବ୍ଲକ ବିଜେଡି ସମ୍ପାଦକ ସନାତନ ସଂଗ୍ରାମ ସିଂ, ପୂର୍ବତନ ବିଡିଏ ଅଧ୍ୟକ୍ଷ ତଥା ବରିଷ୍ଠ ବିଜେଡି ନେତା କୈଳାଶ ରଣା,ଯୁବ ନେତା ଭବାନୀ ଶଙ୍କର ବିଶ୍ୱାଳ,ଲାଠି ସରପଞ୍ଚ ରାଧାମୋହନ ସେଠି,ସମିତି ସଭ୍ୟ ଜଗନ୍ନାଥ ଭୂୟାଁ,ଜଗଦଳପୁର ସମିତି ସଭ୍ୟ ବି.ରବୀନ୍ଦ୍ର ପାତ୍ର,ପୂର୍ବତନ ସାଂସଦ ପ୍ରତିନିଧି ଟି.ରଘୁପ୍ରସାଦ ପାତ୍ର,ଯୁବ ନେତା ସୁରେଶ ସେଠି, ଆଙ୍କୁଶପୁର ସରପଞ୍ଚ ମୁରଲୀ ସେଠି, ଅନନ୍ତେଇ ସମିତି ସଭ୍ୟ ନିରୁପମା ପାତ୍ର, ବ୍ଲକ ସଭାନେତ୍ରୀ ନମିତା ପାତ୍ର, ବାଘଲଟି ସରପଞ୍ଚ ମାମି ସାସମଲ, ଲାଞ୍ଜିଆ ସରପଞ୍ଚ ଅନିଲ ଗୌଡ଼,କଙ୍କିଆ ସରପଞ୍ଚ ଚନ୍ଦ୍ରଶେଖର ମଲ୍ଲିକ, ଦକ୍ଷିଣପୁର ସରପଞ୍ଚ ଦେବାଶିଷ ସେଠି, କୁକୁଡାଖଣ୍ଡି ସରପଞ୍ଚ ବନ୍ଦନା ସେଠି, ମହୁଡା ସରପଞ୍ଚ ବାସନ୍ତୀ ସାହୁ, ମସିହାଖାଲି ସରପଞ୍ଚ କେ.ବୁଲୁ, ଭିନ୍ନକ୍ଷମ ନେତା କେ.ମଣିବାବୁ, ପୂର୍ବତନ ଲାଠି ସରପଞ୍ଚ ରଙ୍କନିଧି ପଣ୍ଡା,ପୂର୍ବତନ ସିହଳା ସରପଞ୍ଚ ତରୁଣ କୁମାର ପାତ୍ର,ପୂର୍ବତନ କୁକୁଡ଼ାଖଣ୍ଡି ସରପଞ୍ଚ ଅଦଲ ଚେନେୟା,ଗୌରୀ ଶଙ୍କର ପାତ୍ର,ସୁକାନ୍ତ ସାସମଲ,କାମେଶ୍ୱର ବିଶ୍ୱାଳ,ସଦାନନ୍ଦ ଗୌଡ଼,ଶଙ୍କର ଗୌଡ଼,ଶବିର୍‌ସେଖ୍,ବାବୁଲା ସାହୁ, ରାଜେନ୍ଦ୍ର ଗୌଡ଼,ସନ୍ତୋଷ ମହାରଣା, ଅମ୍ବିକା ପ୍ରସାଦ ସାହୁ,ଭଗବାନ ସାହୁ,ଜ୍ୟୋତି ରଞ୍ଜନ ପାତ୍ର,ଉଜ୍ଜ୍ୱଳ ସାହୁ,ଶିବ ଶଙ୍କର ସାହୁ, ଅରକ୍ଷିତ ଗୌଡ଼,ସଞ୍ଜୟ ସେଠି,ବୁଡୁ ଦାସ,ଅମ୍ବିକା ସାହୁ,ଭବାନୀ କିଙ୍କର ସାହୁ,ଶିଶିର ଦାସ,ବାସୁ ଗୌଡ଼, ଅରକ୍ଷିତ ଗୌଡ଼,ଆଶିଷ କୁମାର ସାବତ,ଜଗନ୍ନାଥ ଗୌଡ଼,ଜିଷ୍ଣୁ ଗୌଡ଼, ବିଟୁ ଗୌଡ଼,ଭଗବାନ ଗୌଡ଼,ରିଙ୍କୁ ମହାପାତ୍ର,ବାବୁ ଗୌଡ଼ଡ଼,ଶଙ୍କର ସାହୁ,ବିକାଶ ପଣ୍ଡା,ଯୋଗେନ୍ଦ୍ର ସେଠୀଙ୍କ ସମେତ ଲାଠି ଗ୍ରାମର ବହୁ ନେତା ଓ କର୍ମୀ ଏହି ପଦ ଯାତ୍ରାରେ ସାମିଲ ଥିଲେ ।

# ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ

ବଲାଙ୍ଗୀର, ୦୭ ଅକ୍ଟୋବର(ହି.ସ.) – ବଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକ ଯୁବା ଗାଁ ରେ ଆଜି ବଲାଙ୍ଗିର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀମାନଙ୍କ ପାରମ୍ପାରିକ ବାଦ୍ୟ, ଅସ୍ତ୍ର ଶସ୍ତ୍ର ଧରି ମୁଖ୍ୟଅତିଥି ଆଦିବାସୀ ସଂଘ ରପଶ୍ଚିମ ଓଡ଼ିଶା ମହାଶଚିବ ତଥା ରାଜ୍ୟ ସଭା ସାଂସଦ ଶ୍ରୀ ନିରଞ୍ଜନ ବିଶିଙ୍କ ସହ ଅନ୍ୟାନ୍ୟ ଅତିଥି ମାନଙ୍କୁ ସମ୍ମାନେ ଯୁବା ଗାଁର ପଂଚାୟତ କାର୍ଯ୍ୟାଳୟ ପଛପଟେ ଥିବା ଆମ୍ବ ତୋଟା ଠାରେ ହୋଇଥିବା ମଂଚକୁ ପାଛୋଟି ଆଣିଥିଲେ। ଛୋଟ ଛୋଟ ଆଦିବାସୀ ଝିଅଙ୍କ ଦ୍ୱାରା ଆଦିବାସୀ ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ଜଣାଇଥିବାବେଳେ କୁନି ଝିଅମାନଙ୍କ ଦ୍ୱାରା ଆଦିବାସୀ ପାରମ୍ପରିକ ସଂଗୀତ ଗାୟନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ନିରଞ୍ଜନ ବିଶି ମଂଚାସୀନ ଥିବାବେଳେ ସମ୍ମାନିତ ଅତିଥି ଭାବେ ବାଲକୃଷ୍ଣ ଶବର ସମ୍ପାଦକ ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ସଂଘ, ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ର ସଭାପତି ଶ୍ୟାମ ସୁନ୍ଦର ଭୋଇ, ନୂଆପଡ଼ା ଜିଲ୍ଲା କାର୍ଯ୍ୟ କାରିଣୀ ସଭାପତି ଭାନୁପ୍ରତାପ ସିଂ ମାଝୀ ,ଜିଲ୍ଲା ଆଦିବାସୀ ସଂଘର କୋଷାଧକ୍ଷ ପ୍ରଫୁଲ୍ଲ କୁମାର ତୁମନିଆ,ରସିକ ଧରୁଆ ବେଲପଡା ବ୍ଲକ ସଭାପତି ଆଦିବାସୀ ସଂଘ, ସନ୍ତୋଷ ପୁଟା ଆଦିବାସୀ ବ୍ଲକ ସଭାପତି ସଇଁତଳା, ଚନ୍ଦ୍ରଶେଖର ବରିହା ଖପ୍ରାଖୋଲ ବ୍ଲକ ସଭାପତି, ବ୍ରଜମୋହନ ବିଶୋଇ ଅଧକ୍ଷ ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ଭୁବନେଶ୍ୱର ଧରୁଆ କାର୍ଯକାରୀ ସଭାପତି ଆଗଲପୁର, ରାଜୀବ କୁଅଁର ମୁରିବାହାଲ ବ୍ଲକ ସଭାପତି, ମନୋରଞ୍ଜନ ଭୋଇ ବଙ୍ଗୋମୁଣ୍ଡା ବ୍ଲକ ସଭାପତି, ଚୌବନ କିଶୋର ମାଝୀ ତୁରେକେଲା ବ୍ଲକ ସଭାପତି, ସୁରଥ ଧରୁଆ ଦେଓଗାଁ ବ୍ଲକ ସଭାପତି, ସାରଥୀ ବାଗ ସମ୍ପାଦକ ପାଟଣାଗଡ଼ ବ୍ଲକ, ଭୁବନେଶ୍ୱର କୁଅଁର ପାଟଣାଗଡ଼ ବ୍ଲକ ସଭାପତି,ଧରମ ସିଂ ଉପଦେଷ୍ଟା ଖପ୍ରାଖୋଲ ବ୍ଲକ, ଟଙ୍କଧର ଧରୁଆ ସମ୍ପାଦକ ସଇଁତଳା ବ୍ଲକ, ଜୟରାମ ଶବର ଉପଦେଷ୍ଟା ନୂଆପଡ଼ା, ଗୋପାଳ ପଧାନ ସମ୍ପାଦକ ଲୋଇସିଂହା ବ୍ଲକ ପ୍ରମୁଖ ମଂଚାସୀନ ଥିଲେ। ସମସ୍ତ ଅତିଥି ମାନେ ଆଦିବାସୀ ପରମ୍ପରାକୁ ବଜାୟ ରଖିବା ସହ ଜଙ୍ଗଲ ଜମିକୁ ସୁରକ୍ଷା ଦେବାପାଇଁ ନିଜ ନିଜ ବକ୍ତବ୍ୟ ରେ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁଗ୍ମ ସମ୍ପାଦକ ଗିରିଧାରୀ ଭୋଇ ମଂଚ ପରିଚାଳନା କରୁଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ। ଅଭିଭାଷଣ ସରିବା ପରେ ପରେ ଆଦିବାସୀ ଝିଅଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଛି।ବାଦ୍ୟ, ଅସ୍ତ୍ର ଶସ୍ତ୍ର ଧରି ମୁଖ୍ୟଅତିଥି ଆଦିବାସୀ ସଂଘ ରପଶ୍ଚିମ ଓଡ଼ିଶା ମହାଶଚିବ ତଥା ରାଜ୍ୟ ସଭା ସାଂସଦ ଶ୍ରୀ ନିରଞ୍ଜନ ବିଶିଙ୍କ ସହ ଅନ୍ୟାନ୍ୟ ଅତିଥି ମାନଙ୍କୁ ସମ୍ମାନେ ଯୁବା ଗାଁର ପଂଚାୟତ କାର୍ଯ୍ୟାଳୟ ପଛପଟେ ଥିବା ଆମ୍ବ ତୋଟା ଠାରେ ହୋଇଥିବା ମଂଚକୁ ପାଛୋଟି ଆଣିଥିଲେ। ଛୋଟ ଛୋଟ ଆଦିବାସୀ ଝିଅଙ୍କ ଦ୍ୱାରା ଆଦିବାସୀ ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ଜଣାଇଥିବାବେଳେ କୁନି ଝିଅମାନଙ୍କ ଦ୍ୱାରା ଆଦିବାସୀ ପାରମ୍ପରିକ ସଂଗୀତ ଗାୟନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ନିରଞ୍ଜନ ବିଶି ମଂଚାସୀନ ଥିବାବେଳେ ସମ୍ମାନିତ ଅତିଥି ଭାବେ ବାଲକୃଷ୍ଣ ଶବର ସମ୍ପାଦକ ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ସଂଘ, ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ର ସଭାପତି ଶ୍ୟାମ ସୁନ୍ଦର ଭୋଇ, ନୂଆପଡ଼ା ଜିଲ୍ଲା କାର୍ଯ୍ୟ କାରିଣୀ ସଭାପତି ଭାନୁପ୍ରତାପ ସିଂ ମାଝୀ ,ଜିଲ୍ଲା ଆଦିବାସୀ ସଂଘର କୋଷାଧକ୍ଷ ପ୍ରଫୁଲ୍ଲ କୁମାର ତୁମନିଆ,ରସିକ ଧରୁଆ ବେଲପଡା ବ୍ଲକ ସଭାପତି ଆଦିବାସୀ ସଂଘ, ସନ୍ତୋଷ ପୁଟା ଆଦିବାସୀ ବ୍ଲକ ସଭାପତି ସଇଁତଳା, ଚନ୍ଦ୍ରଶେଖର ବରିହା ଖପ୍ରାଖୋଲ ବ୍ଲକ ସଭାପତି, ବ୍ରଜମୋହନ ବିଶୋଇ ଅଧକ୍ଷ ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ଭୁବନେଶ୍ୱର ଧରୁଆ କାର୍ଯକାରୀ ସଭାପତି ଆଗଲପୁର, ରାଜୀବ କୁଅଁର ମୁରିବାହାଲ ବ୍ଲକ ସଭାପତି, ମନୋରଞ୍ଜନ ଭୋଇ ବଙ୍ଗୋମୁଣ୍ଡା ବ୍ଲକ ସଭାପତି, ଚୌବନ କିଶୋର ମାଝୀ ତୁରେକେଲା ବ୍ଲକ ସଭାପତି, ସୁରଥ ଧରୁଆ ଦେଓଗାଁ ବ୍ଲକ ସଭାପତି, ସାରଥୀ ବାଗ ସମ୍ପାଦକ ପାଟଣାଗଡ଼ ବ୍ଲକ, ଭୁବନେଶ୍ୱର କୁଅଁର ପାଟଣାଗଡ଼ ବ୍ଲକ ସଭାପତି,ଧରମ ସିଂ ଉପଦେଷ୍ଟା ଖପ୍ରାଖୋଲ ବ୍ଲକ, ଟଙ୍କଧର ଧରୁଆ ସମ୍ପାଦକ ସଇଁତଳା ବ୍ଲକ, ଜୟରାମ ଶବର ଉପଦେଷ୍ଟା ନୂଆପଡ଼ା, ଗୋପାଳ ପଧାନ ସମ୍ପାଦକ ଲୋଇସିଂହା ବ୍ଲକ ପ୍ରମୁଖ ମଂଚାସୀନ ଥିଲେ। ସମସ୍ତ ଅତିଥି ମାନେ ଆଦିବାସୀ ପରମ୍ପରାକୁ ବଜାୟ ରଖିବା ସହ ଜଙ୍ଗଲ ଜମିକୁ ସୁରକ୍ଷା ଦେବାପାଇଁ ନିଜ ନିଜ ବକ୍ତବ୍ୟ ରେ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁଗ୍ମ ସମ୍ପାଦକ ଗିରିଧାରୀ ଭୋଇ ମଂଚ ପରିଚାଳନା କରୁଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ। ଅଭିଭାଷଣ ସରିବା ପରେ ପରେ ଆଦିବାସୀ ଝିଅଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଛି।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଶଂ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ

ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି–ଚାଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ତଙ୍କକ୍ଷ୍ୱ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ,

ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବେଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଚାଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଚାହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଚାମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଚାଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଚାଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଚାଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷ୍ୱ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ)

ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି– ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଂକ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି– ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ–୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ଼କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣଙ୍କୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷ୍ୱ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ

ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷ୍ୱ;ରନେଟ ଅଫ୍ ଥିଙ୍ଗସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

# ରାୟପୁର ଉତ୍ତରରୁ ପୁରନ୍ଦର ମିଶ୍ର ବିଜେପି ପାର୍ଥୀ

ରାୟପୁର/ଭୁବନେଶ୍ୱର,(ପି.ଏନ): ବିଶିଷ୍ଟ ସମାଜସେବୀ ଏବଂ ରାୟପୁର ସ୍ଥିତ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ଅଧକ୍ଷ ପୁରନ୍ଦର ମିଶ୍ର ଛତିଶଗଡ଼ ରାଜ୍ୟର ଆସନ୍ତା ବିଧାନସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟିର ପାର୍ଥୀ ମନୋନୀତ ହୋଇଛନ୍ତି।ଶ୍ରୀ ମିଶ୍ର ଙ୍କୁ ରାୟପୁର ନଗର ଉତ୍ତର ଆସନ ରୁ ପ୍ରତିଦ୍ୱନ୍ଦିତା କରିବା ପାଇଁ ଦଳୀୟ ଟିକେଟ ମିଳିଛି।ଛତିଶଗଡ଼ ବିଧାନସଭା ନିର୍ବାଚନରେ କୌଣସି ଜାତୀୟ ଦଳ ତରଫରୁ ଶ୍ରୀ ମିଶ୍ର ଏକମାତ୍ର ଓଡ଼ିଆ ପାର୍ଥୀ ଭାବରେ ନିର୍ବାଚନ ଲଢ଼ିବେ।ଗାୟତ୍ରୀ ନଗରଠାରେ ଶ୍ରୀ ମିଶ୍ର ଙ୍କ ଦ୍ୱାରା ପ୍ରତିଷ୍ଠିତ ଛତିଶଗଡ଼ର ସବୁଠୁ ବଡ଼ ଜଗନ୍ନାଥ ମନ୍ଦିର, ତାଙ୍କର ନିର୍ବାଚନ ମଣ୍ଡଳୀ ଅଧୀନରେ ଆସୁଛି।




# ପ୍ରତି ଘରେ ପହଞ୍ଚିବ ଚବିଶି ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ



ନିମାପଡା ,(ପି.ଏନ): ନିମାପଡା ବାସୀ ଙ୍କ ପାଇଁ ଖୁସି ଖବର , ଡ୍ରିଙ୍କ ଫର୍ମ ଟ୍ୟାପ ପ୍ରକଳ୍ପ ଦ୍ୱାରା ଘରେ ଘରେ ପଂହଁଚ଼ିବ ବିଶୁଦ୍ଧ ପାନୀୟ ଜଳ ।ଆଜି ନିମାପଡାର ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ପୂର୍ବାହ୍ନ ରେ ଭରଚୁଆଲ ମାଧ୍ୟମରେ ନିମାପଡା ବିଧାୟକ ସମୀର ରଞ୍ଜନ ଦାଶଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭରଚୁଆଲ ମାଧ୍ୟମରେ ଶୁଭ ଉଦ୍ଘାଟନ ହୋଇଯାଇଛି ଡ୍ରିଙ୍କ ଫର୍ମ ଟ୍ୟାପ ପ୍ରକଳ୍ପ । ଏହି ଉଦଘାଟନ ଉତ୍ସବରେ ନିମାପଡା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷା ସୁସ୍ମିତା ସାହୁ , ପୂର୍ବତନ ଅଧକ୍ଷ ସନକ ପ୍ରଧାନ , ଜେନେରାଲ ମ୍ୟାନେଜର ବିଭୂତି ଭୂଷଣ ମହାନ୍ତି , ମ୍ୟାନେଜର ଶଶୀ ମହାନ୍ତି , ଓ ସ୍ଥାନୀୟ ବାସୀ ମାନେ ଯୋଗଦେଇ ପ୍ରକଳ୍ପର ଶୁଭ ଉଦଘାଟନ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଏଭଳି କାର୍ଯ୍ୟ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବିନ ପଟନାୟକ ଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ସେହିଭଳି ପାଣି ମଣିଷ ପାଇଁ କେତେ ଗୁରୁତ୍ୱ ତାହା କହିବ ସହିତ ନିମାପଡା ବାସୀ କିପରି ବିଶୁଦ୍ଧ ପାନୀୟ ଜଳ ପାଇ ପାରିବେ ଏହି ଡ୍ରିଙ୍କ ଫର୍ମ ଟ୍ୟାପ ପ୍ରକଳ୍ପ ର ମୂଳ ଲକ୍ଷ୍ୟ ବୋଲି ନିମାପଡା ବିଧାୟକ ସମୀର ରଞ୍ଜନ ଦାଶ କହିଥିବା ବେଳେ । ନିମାପଡା ବିଜ୍ଞାପିତ ଅଞ୍ଚଳ ପରିଷଦର ୧୧ ଟି ୱାର୍ଡର ପାୟ ୨୨,୨୦୦ ରୁ ଉର୍ଦ୍ଧ ଜନ ସାଧାରଣ ଙ୍କ ଘରେ ଏହି ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ପଂହଁଚ଼ିବ ବୋଲି କହିଛନ୍ତି ନିମାପଡା ବିଧାୟକ ସମୀର ରଞ୍ଜନ ଦାଶ।

## ନିମାପଡା ଏନ ଏ ସିରେ ଡ୍ରିଙ୍କ ଫ୍ରମ୍ ଟ୍ୟାପର ଉଦଘାଟନ

ନିମାପଡ଼ା ,(ପି. ଏନ): ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କନଭେନସନ୍ ସେଣ୍ଟର ଲୋକସଭା ଭବନ ଠାରେ ପ୍ରଥମ ଡ୍ରିଙ୍କ ଫ୍ରମ ଟ୍ୟାପ ର ଭରଚୁଆଲ ମାଧ୍ୟମରେ ଉଦଘାଟନ କରିଛନ୍ତି । ନିମାପଡ଼ା ଏ ନ ଏସି ର କଲ୍ୟାଣୀମଣ୍ଡପ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ୍ , ଏ ନ ଏସି ଅଧକ୍ଷା ସସ୍ମିତା ସାହୁ ,ଉପାଧକ୍ଷ ସନ୍ତୋଷ ଦାସ, ପୂର୍ବତନ ଅଧକ୍ଷ ସନକ ପ୍ରଧାନ ଜେନେରାଲ ମ୍ୟାନେଜର ବିଭୂତି ଭୂଷଣ ମହାନ୍ତି , ମ୍ୟାନେଜର ଶଶି ମହାନ୍ତି ଙ୍କ ସମେତ ସ୍ଥାନୀୟ ଅଧିବାସୀ ଉପସ୍ଥିତ ରହି ଏହି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ଙ୍କୁ ଧନ୍ୟବାଦ ଜଣାଇଥିଲେ ।ଏହି ପ୍ରକଳ୍ପ ଦ୍ୱାରା ନିମାପଡ଼ା ଏ ନ ଏସି ର ୧୧ ଟି ୱାର୍ଡ ର ୨୨ ହଜାର ୩୦୦ ଜନ ସାଧାରଣ ଉପକୃତ ହେବେ ବୋଲି ବିଧାୟକ ସୂଚ଼ନା ଦେଇଥିଲେ ।

# ଭି ସି ମାଧ୍ୟମରେ ୫-ଟି ସଚିବ ଭି କେ ପଣ୍ଡିଆନଙ୍କ ସହ ଜିଲ୍ଲାର ବିଭିନ୍ନ ବିଷୟକୁ ନେଇ ଆଲୋଚନା

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ଭିଡିଓ କନଫରେନ୍ସ ହଲ ଠାରେ ଜିଲ୍ଲାପାଳ ବିଶାଳ ସିଂ ଙ୍କ ଅଧକ୍ଷତାରେ ଆଜି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଆଡମା ରାବା ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପ ଅଧକ୍ଷା ରୟେଲା ନାୟକଙ୍କ ଉସ୍ଥିତିରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସମସ୍ତ ସଦସ୍ୟ ଙ୍କୁ ନେଇ ଭି ସି ମାଧ୍ୟମରେ ୫ଟି ସଚିବ ଭି କେ ପଣ୍ଡିଆନ ଙ୍କ ସହ ଜିଲ୍ଲାର ବିଭିନ୍ନ ବିଷୟ କୁ ନେଇ ଆଲୋଚନା ହୋଇଥିଲା । ଏହି ଅବସରରେ ସମସ୍ତ ଜନଜାତି ସମ୍ପ୍ରଦାୟର ଆଦିବାସୀ ବହୁଳ ଅଂଚଳରେ ଚାଲିଥିବା ଉନ୍ନତି ମୂଳକ କାର୍ଯ୍ୟ ତଥା କଳା ସଂସ୍କୃତି କୁ ବଂଚେଇ ରଖିବା ପାଇଁ ଆଗାମୀ ଦିନରେ ରାଜ୍ୟ ସରକାର ଆହୁରି ଅନେକ ଯୋଜନା କରିବେ ବୋଲି ୫ଟି ସଚିବ କହିଥିଲେ !ତେବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଣ୍ଠିରୁ ଚାଲିଥିବା କାର୍ଯ୍ୟ ସମୟ ସୀମା ମଧ୍ୟରେ ସରିବା ଲାଗି ପ୍ରୟାସ ଜାରି ରଖିଥିବା ନେଇ ନିଜ ଅଭିଭାଷଣରେ ଜିଲ୍ଲା ଏସ ଡି ସି ଅଧକ୍ଷ ଶ୍ରୀ ରାବା ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ଏବଂ ୫ଟି ସଚିବ, ଓ ଏସି ଏସଟି ସଚିବ ଙ୍କୁ ଧନ୍ୟବାଦ ଜଣାଇଥିଲେ । ଆଜିର ଏହି ଭି ସି ରେ ପି ଏ ଆଇ ଟି ଡିଏ ଜୟଶ୍ରୀ ପ୍ରିୟଦର୍ଶିନି ଙ୍କ ସମେତ ଏସ ଡି ସି ସଦସ୍ୟ ତପନ ସା ନା, ସୁରେନ୍ଦ୍ର ନାଥ ରଥ,ଦାରି ଲିଙ୍ଗା, ନରେନ୍ଦ୍ର ନାୟକ, ସାରଦା ପ୍ରସାଦ ଗୋଲପେଦା, ରାମ ଚନ୍ଦ୍ର ଦୁରୁଆ, ବୈକୁଣ୍ଠ ନାଥ ବଡନାୟକ୍ ଶ୍ରୀମତୀ ରଶ୍ମିତା ବଡନାୟକ, ରୁପେନ୍ ଗୁଡ଼ିଆ, ସହଦେବ ପୂଜାରୀ, ରଘୁନାଥ କିର୍ଷାନି, ସୁରେନ୍ଦ୍ର ଖରା, କାନି ସୋୟମ, ଜଗା କରାମ୍, ରାଜନ୍ ମାର୍ଦୀ, ଗୋପୀ ନାୟକ, ପଦିଆ ମାଡକାମି, ଶ୍ରୀମତୀ ଦହନା ତାଙ୍ଗୁଲ, ଇର୍ମା କାବାସି, ଶ୍ରୀମତୀ ରିନା ପଡ଼ିଆମି, ହରି ଗୋଲରି, ଚୈତନ୍ୟ ଖିଲ, ଟୁକୁଲୁ ପ୍ରଧାନ, ପ୍ରମୁଖ ଯୋଗଦେଇ ଥିବା ବେଳେ ଦୁଇଜଣ ସଦସ୍ୟ ମୁନା ମାଡକା ମି ଏବଂ ଶାନ୍ତି କବାସି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଦ୍ୱାରା ଜନଜାତି ମାନେ ଉପକୃତ ହୋଇଥିବା ବିଷୟକୁ ନେଇ ୫ଟି ସଚିବଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ !

## କୋଇଲିପାରି ଠାରେ ଦିସାରୀ ସଂଘର ବୈଠକ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ କୋଇଲିପାରି ଠାରେ ଆଜି ଜନଜାତି ସମ୍ପ୍ରଦାୟର ଦିସାରି ସଂଘ ପକ୍ଷରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଆଡମା ରାବା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବାଡେ ସଂଘ ଜିଲ୍ଲା ସଭାପତି ଇର୍ମା ମାଡ଼ି ଯୋଗଦେଇ ଜନଜାତି ପରମ୍ପରାକୁ ନେଇ ବିଭିନ୍ନ ଆଲୋଚନା କରିଥିଲେ। ତେବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଧ୍ୟମରେ ଜିଲ୍ଲା ଅଧକ୍ଷ ଆଡମା ରାବା ଆଦିବାସୀ ସଂସ୍କୃତି କଳା ଓ ପରମ୍ପରାକୁ ବଜାୟ ରଖିବା ଲାଗି ଉଚିତ୍ ପଦକ୍ଷେପ ନେବା ସହ ଜିଲ୍ଲାର ଉନ୍ନତିକରଣ ଦିଗରେ ପ୍ରଚେଷ୍ଟା ଜାରି ରଖିଥିବାରୁ ସଭାରେ ସଂଘ ପକ୍ଷରୁ ତାଙ୍କୁ ପ୍ରଶଂସା କରାଯାଇଥିଲା । ଏହି ଅବସରରେ ଆଡମା ରାବା ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଜନଜାତି ସଂରକ୍ଷଣ ଏବଂ ତା ସହ ଜିଲ୍ଲାର ଜନସାଧାରଣଙ୍କ ଲାଗି ବିଭିନ୍ନ ସରକାରୀ ଯୋଜନା ବିଷୟରେ ଉପସ୍ଥିତ ଥିବା ଶତାଧିକ ଜନଜାତି ପୂଜାରୀ ଦିଶାରି ବାଡେ ମାନଙ୍କୁ ବୁଝେଇ କହିଥିଲେ। ଆଜିର ଏହି ସାଧାରଣ ସଭା ପରିଚାଳନା ଶ୍ରୀମତୀ ସୁକୁରି ମାଡକାମି କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବାଡେ ପଂଚାୟତ ସଭାପତି ବଳରାମ ନାୟକ, ଉପ ସଭାପତି ବୁଦ୍ରା ମାଡକାମି, ସମ୍ପାଦକ ସୁରେନ୍ଦ୍ର ହଲବା, କୋଷାଧକ୍ଷ ନରସିଂହ ମାଡ଼ି, ଉପଦେଷ୍ଟା ଦେବା କବାସି, ମାସା ମାଡକାମି, ତ୍ରିନାଥ ରଞ୍ଜିତ, ମୁକା ମାଡ଼ି, ନରସିଂହ ଖରା, ମୁକୁନ୍ଦ ମାଡକାମି, ମାଲା ମାଡ଼ି, ସାନା ପାଙ୍ଗି ପ୍ରମୁଖ ଉପସ୍ଥିତ ରହି ସଭାର ଆୟୋଜନ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀ ଇନ୍ଦିରା ପଣ୍ଡାଙ୍କ ୧୫ ତମ ଶ୍ରଦ୍ଧାଞ୍ଜଳୀ ଦିବସ ପାଳିତ

ଜୟପୁର, (ପି.ଏନ): ଜୟପୁର ଠାରେ ଆଜି ଭାରତର ସ୍ୱାଧିନତା ସଂଗ୍ରାମୀ ତଥା ଓଡ଼ିଶା ଏବଂ କୋରାପୁଟ ଜିଲ୍ଲାର ଗର୍ବ ଓ ଗୌରବ ସ୍ୱର୍ଗତା ଲକ୍ଷ୍ମୀ ଇନ୍ଦିରା ପଣ୍ଡାଙ୍କ ୧୫ ତମ ଶ୍ରଦ୍ଧାଞ୍ଜଳୀ ଦିବସ କୋରାପୁଟ ଜିଲ୍ଲା ଜୟପୁର ଠାରେ ପାଳନ ହୋଇଯାଇଛି। ଲକ୍ଷ୍ମୀ ଇନ୍ଦିରା ପଣ୍ଡା ମାତ୍ର ୧୪ ବର୍ଷ ବୟସରେ ସେ ଭାରତର ସ୍ୱାଧିନତା ପାଇଁ ଇଣ୍ଡିଆନ୍ ନ୍ୟାସନାଲ ଏକାଡେମୀ ଫୌଜରେ ସାମିଲ ହୋଇଥିଲେ। ଏବଂ ଏହା ପରେ ସୁବାଷ ବୋଷଙ୍କ ଆଜାହିନ୍ଦ୍ ଫୌଜରେ ମଧ୍ୟ ସେ ସାମିଲ ହୋଇଥିଲେ। ଏବଂ ରାଣୀ ଝାନସୀ ରାଣୀ ରେଜିମେଣ୍ଟ୍ ରେ ସାମିଲ୍ ହୋଇ ସେ ସେତେବେଳ ୧୪ ବର୍ଷ ବୟସରେ ଟ୍ରେନିଂ ନେଉଥିଲେ।୧୯୪୨ ମସିହାରେ ସେ ୧୪ ବର୍ଷ ବୟସରେ ଭାରତର ସ୍ୱାଧିନତା ପାଇଁ ବନ୍ଧୁକ ଉଠାଇଥିଲେ। ଏବଂ ସେ ଭାରତ ଏବଂ ବର୍ମା ନାମକ ବୋର୍ଡର ଏବଂ ଦେଶର ବିଭିନ୍ନ ସ୍ଥାନରେ ଇଂରେଜ ମାନଙ୍କ ବିରୁଦ୍ଧରେ ସଂଗ୍ରାମ କରିଥିଲେ।୨୦୦୮ ମସିହାରେ ତାଙ୍କ ମୃତ୍ୟ ଦିଲ୍ଲୀ ଠାରେ ହୋଇଥିଲା। ତାଙ୍କୁ ରାଷ୍ଟ୍ରୀୟ ସମ୍ମାନ ଦିଆଯାଇ ଓଡ଼ିଶାକୁ ଅଣାଯାଇଥିଲା। ଓଡିଶାରେ ମଧ ସ୍ୱର୍ଗତା ଲକ୍ଷ୍ମୀ ଇନ୍ଦିରା ପଣ୍ଡାଙ୍କ ମର ଶରୀରର ପହଂଚିବା ପରେ ଭୁବନେଶ୍ୱର ଏୟାର ପୋର୍ଟ ଠାରେ ରାଷ୍ଟ୍ରୀୟ ସମ୍ମାନ ସହିତ ଓଡ଼ିଶାର ରାଜ୍ୟପାଳ ଏମ୍ ସି ଭଣ୍ଡାରେ ଏବଂ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ତାଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ସମ୍ମାନ ଜଣାଇଥିଲେ। ଆଜି ତାଙ୍କର ୧୫ ତମ ଶ୍ରଦ୍ଧାଞ୍ଜଳୀ ଦିବସ ଅବସରରେ ତାଙ୍କ ପ୍ରତିମୂର୍ତ୍ତି ଠାରେ ଜୟପୁର ହେଲ୍ପ ସଂସ୍ଥା ତରଫରୁ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଏବଂ ଏହି ଶ୍ରଦ୍ଧାଞ୍ଜଳୀ ଦିବସ ଅବସରରେ ଜାତୀୟ ରାଜପଥ ୨୬ ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତି ଠାରେ ବିଭିନ୍ନ ଅନୁଷ୍ଠାନ, କଲେଜ ଛାତ୍ର ଛାତ୍ରୀ, ସ୍କୁଲ ଛାତ୍ର ଛାତ୍ରୀ ମାନେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏବଂ ଜୟପୁର ସ୍ଥିତ ସ୍ଥାନୀୟ ପୂଜ୍ୟପୂଜା ସଂସଦର ସଭାପତି ଉଦୟ ଶଙ୍କର ଜାନି, ମୁଖ୍ୟ ବକ୍ତା ପତନ କିରଣ ତ୍ରିପାଠୀ,, ଉପସଭାପତି ବୈରାଗି ସାହୁ,ପ୍ରମଦ କୁମାର ରାଉଳ, କ୍ରିଷ୍ଣା ମହାପାତ୍ର, ଏବଂ ହେଲ୍ପ ସଂସ୍ଥାର ଡାଇରେକ୍ଟର ଏବଂ ଫାଉଣ୍ଡର ତଥା ସମାଜସେବୀ ପ୍ରବୀର ପାତ୍ର, ଏବଂ ହେଲ୍ପ ସଂସ୍ଥାର ସମସ୍ତ ସଦସ୍ୟ ସଦସ୍ୟା ପ୍ରମୁଖ ଉପସ୍ଥିତ ରହିଥିଲେ। ସେପଟେ ଲକ୍ଷ୍ମୀ ଇନ୍ଦିରା ପଣ୍ଡାଙ୍କ ନାତି ତଥା ଲକ୍ଷ୍ମୀ ଇନ୍ଦିରା ପଣ୍ଡାଙ୍କ ନାମରେ ଥିବା ଟ୍ରଷ୍ଟର ଫାଉଣ୍ଡର ତଥା ଡାଇରେକ୍ଟର ପିଙ୍କୁ ପାତ୍ର ପ୍ରମୁଖ ଉପସ୍ଥିତ ରହି ପ୍ରତିମୂର୍ତ୍ତି ଠାରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଭି ସି ମାଧ୍ୟମରେ ୫-ଟି ସଚିବ ଭି କେ ପଣ୍ଡିଆନଙ୍କ ସହ ଜିଲ୍ଲାର ବିଭିନ୍ନ ବିଷୟକୁ ନେଇ ଆଲୋଚନା

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ଭିଡିଓ କନଫରେନ୍ସ ହଲ ଠାରେ ଜିଲ୍ଲାପାଳ ବିଶାଳ ସିଂ ଙ୍କ ଅଧକ୍ଷତାରେ ଆଜି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଆଡମା ରାବା ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପ ଅଧକ୍ଷା ରୟେଲା ନାୟକଙ୍କ ଉସ୍ଥିତିରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସମସ୍ତ ସଦସ୍ୟ ଙ୍କୁ ନେଇ ଭି ସି ମାଧ୍ୟମରେ ୫ଟି ସଚିବ ଭି କେ ପଣ୍ଡିଆନ ଙ୍କ ସହ ଜିଲ୍ଲାର ବିଭିନ୍ନ ବିଷୟ କୁ ନେଇ ଆଲୋଚନା ହୋଇଥିଲା । ଏହି ଅବସରରେ ସମସ୍ତ ଜନଜାତି ସମ୍ପ୍ରଦାୟର ଆଦିବାସୀ ବହୁଳ ଅଂଚଳରେ ଚାଲିଥିବା ଉନ୍ନତି ମୂଳକ କାର୍ଯ୍ୟ ତଥା କଳା ସଂସ୍କୃତି କୁ ବଂଚେଇ ରଖିବା ପାଇଁ ଆଗାମୀ ଦିନରେ ରାଜ୍ୟ ସରକାର ଆହୁରି ଅନେକ ଯୋଜନା କରିବେ ବୋଲି ୫ଟି ସଚିବ କହିଥିଲେ !ତେବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଣ୍ଠିରୁ ଚାଲିଥିବା କାର୍ଯ୍ୟ ସମୟ ସୀମା ମଧ୍ୟରେ ସରିବା ଲାଗି ପ୍ରୟାସ ଜାରି ରଖିଥିବା ନେଇ ନିଜ ଅଭିଭାଷଣରେ ଜିଲ୍ଲା ଏସ ଡି ସି ଅଧକ୍ଷ ଶ୍ରୀ ରାବା ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ଏବଂ ୫ଟି ସଚିବ, ଓ ଏସି ଏସଟି ସଚିବ ଙ୍କୁ ଧନ୍ୟବାଦ ଜଣାଇଥିଲେ । ଆଜିର ଏହି ଭି ସି ରେ ପି ଏ ଆଇ ଟି ଡିଏ ଜୟଶ୍ରୀ ପ୍ରିୟଦର୍ଶିନି ଙ୍କ ସମେତ ଏସ ଡି ସି ସଦସ୍ୟ ତପନ ସା ନା, ସୁରେନ୍ଦ୍ର ନାଥ ରଥ,ଦାରି ଲିଙ୍ଗା, ନରେନ୍ଦ୍ର ନାୟକ, ସାରଦା ପ୍ରସାଦ ଗୋଲପେଦା, ରାମ ଚନ୍ଦ୍ର ଦୁରୁଆ, ବୈକୁଣ୍ଠ ନାଥ ବଡନାୟକ୍ ଶ୍ରୀମତୀ ରଶ୍ମିତା ବଡନାୟକ, ରୁପେନ୍ ଗୁଡ଼ିଆ, ସହଦେବ ପୂଜାରୀ, ରଘୁନାଥ କିର୍ଷାନି, ସୁରେନ୍ଦ୍ର ଖରା, କାନି ସୋୟମ, ଜଗା କରାମ୍, ରାଜନ୍ ମାର୍ଦୀ, ଗୋପୀ ନାୟକ, ପଦିଆ ମାଡକାମି, ଶ୍ରୀମତୀ ଦହନା ତାଙ୍ଗୁଲ, ଇର୍ମା କାବାସି, ଶ୍ରୀମତୀ ରିନା ପଡ଼ିଆମି, ହରି ଗୋଲରି, ଚୈତନ୍ୟ ଖିଲ, ଟୁକୁଲୁ ପ୍ରଧାନ, ପ୍ରମୁଖ ଯୋଗଦେଇଥିଲେ ।

# ଧର୍ମପ୍ରାଣା ମହିଳା ଲଳିତକ୍ଷ ଖୁଆସଙ୍କ ୮୪ ବର୍ଷରେ ବିୟୋଗ

ବଲାଙ୍ଗୀର, (ପି.ଏନ): ବଲାଙ୍ଗୀର ମାଲପଡ଼ା ର ଧର୍ମ ପ୍ରଣୟନ ମହିଳା ବାସଭବନରେ ଙ୍କ ର ଆଜି ୮୪ ବର୍ଷ ବୟସରେ ବିୟୋଗ ହୋଇଯାଇଛି। ସେ ତିକ୍ରାପଡା।୧୮ ବର୍ଷ ପୂର୍ବରୁ ରାମଲୀଳା ରେ ରାମଚନ୍ଦ୍ର ଭୂମିକାରେ ଅଭିନୟ କରୁଥିବା ସ୍ୱର୍ଗତ ଉପେନ୍ଦ୍ର ଖୁଆସ ଙ୍କ ର ଧର୍ମ ପତ୍ନୀ ଏବଂ ତାଙ୍କର ଦୁଇ ପୁଅ ଅରୁଣ ଓ କରୁଣା, ପୁତ୍ର ବଧୂ ନିରୁପମା, ସୁନୀତା, ନାତି ସ୍ୱାରକ ମୃତ୍ୟୁ ସମୟରେ ଉପସ୍ଥିତ ଥିଲେ। ଏହି ସମୟରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମଚାରୀଙ୍କ ସମେତ ପଡ଼ାର ଓ ସହରର ବୁଦ୍ଧଜୀବୀମାନେ ଉପସ୍ଥିତ ଥିଲେ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଚଢାଉ,୨୩ଲକ୍ଷ ଟଙ୍କାର ଗୁଟୁଖା ଜବତ

ପୁରୀ, (ପି.ଏନ):ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ମାଟିଆପଡା ଅଂଚଳରେ ଚଢାଉ କରି ୪୭୦ କିଲୋ ଗୁଟୁଖା ଜବତ କରିଛନ୍ତି। ଜବତ ଗୁଟୁଖାର ମୂଲ୍ୟ ୨୩ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। ମାଟିଆପଡା ଅଂଚଳର ଶ୍ରୀରାମ ଭଣ୍ଡାରର ମାଲିକ ସନ୍ତୋଷ ମାଝିଙ୍କର ଉକ୍ତ ଗୁଟୁଖା ସାମଗ୍ରୀ ବୋଲି ଜଣା ପଡିଛି। ସୂଚନା ମୁତାବକ,୨୦୧୩ ମସିହାରୁ ରାଜ୍ୟ ସରକାର ଗୁଟୁଖା ଉତ୍ପାଦନ,ଗଚ୍ଛିତ ଏବଂ ବିକ୍ରି ଉପରେ କଟକଣା ଜାରୀ ରଖିଛନ୍ତି। କିନ୍ତୁ କଟକଣା ସତ୍ୱେ ବନ୍ଦ ହେଉନି ଗୁଟୁଖା ଉତ୍ପାଦନ କିମ୍ବା ବିକ୍ରି। କିଛି ଅସାଧୁ କର୍ମଚାରୀଙ୍କୁ ହାତ କରି ସବୁକିଛି ଖୁଲମଖୁଲା ଚାଲିଛି। ୧୮ବର୍ଷରୁ କମ ବୟସର ପିଲାଙ୍କୁ ତମାଖୁଜ ଜନିତ ପଦାର୍ଥ ବିକ୍ରି ନ କରିବା ପାଇଁ ସରକାର ଆଇନ ଲାଗୁ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ଜାତୀୟ ତମାଖୁଜ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନୁଯାୟୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରୀ ମ୍ୟୁନିସପାଲଟିର ମାଟିଆପଡାରେ ଚଢାଉ କରିଛନ୍ତି। ଗୋଟିଏ ମିନି ଟ୍ରକରେ ଯାଉଥିବା ୪୭୦କିଲୋ ତମାଖୁଜ ଜନିତ ପଦାର୍ଥକୁ ଜବତ କରିଚନ୍ତି। ଜବତ ଗୁଟୁଖାର ମୂଲ୍ୟ ୨୩ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। ଏ ନେଇ ଅଭିଯୁକ୍ତ ବିରୋଧରେ ପୁରୀ ଏସଡିଯେଏମ କୋର୍ଟରେ ଏକ ମାମଲା ରୁଜୁ କରାଯାଇଛି। ଏହି ଚଢାଉରେ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅଶୋକ କୁମାର ମିଶ୍ର,ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ବେଦଶ୍ରୀ ସାହୁ ଏବଂ ଜିଲ୍ଲା ତମାଖୁ ନିୟନ୍ତ୍ରଣ ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ଭାଗ ନେଇଥିଲେ।

# ଫରେନ୍‌ସିକ ସାଇନ୍ସେସ୍, ସିସିଟିଏନ୍‌ଏସ, ଆଇସିଜେଏସ୍ ଓ ଆଇନଗତ ସଂସ୍କାର: ଭାରତର ନ୍ୟାୟିକ ବ୍ୟବସ୍ଥାରେ ମାଇଲଖୁଣ୍ଟ

ନୂଆଦିଲ୍ଲୀ,୯।୧୦(ପି.ଏନ): ଫରେନ୍‌ସିକ ସାଇନ୍ସେସ୍, ସିସିଟିଏନ୍‌ଏସ ଏବଂ ଆଇସିଜେଏସ୍‌ର ଭୂମିକା ଏବଂ ଆଇପିସି, ସିଆର୍‌ପିସି ଓ ଏଭିଡେନ୍ସ ଆକ୍ଟରେ ଅଣାଯାଇଥିବା ପରିବର୍ତ୍ତନଗୁଡିକ ଆଧୁନିକ ସମୟରେ ଭାରତର ଅପରାଧ ନ୍ୟାୟିକ ପ୍ରଣାଳୀରେ ମାଇଲଖୁଣ୍ଟ ପ୍ରମାଣିତ ହେଉଛି ବୋଲି ୪୯ତମ ସର୍ବଭାରତୀୟ ପୋଲିସ ବିଜ୍ଞାନ କଂଗ୍ରେସରେ ଉଦ୍‌ବୋଧନ ଦେଇ କେନ୍ଦ୍ର ସ୍ୱରାଷ୍ଟ୍ର ବ୍ୟାପାର ଓ ସହକାରିତା ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି।୪୯ତମ ସର୍ବଭାରତୀୟ ପୋଲିସ ବିଜ୍ଞାନ କଂଗ୍ରେସ ୫ଜି ଯୁଗ, ଉଚ୍ଚ୍ଟ ନିଶାଦ୍ରବ୍ୟ ଏକ ଗେମ୍‌ଚେର ଭାବରେ ଉଭା ହେବା, ସାମାଜିକ ଗଣମାଧ୍ୟମର ଆହ୍ୱାନସମୂହ, କମ୍ୟୁନିଟି ପୋଲିସିଂ, ଆଭ୍ୟନ୍ତରୀଣ ନିରାପତ୍ତାରେ ସମନ୍ୱୟ ଏବଂ ସୀମାନ୍ତରେ ସୁରକ୍ଷା ବ୍ୟବସ୍ଥା ଆଦି ବିଷୟ ପ୍ରତି ଦୃଷ୍ଟିଦେଉଥିବାରୁ କେବଳ ଗୁରୁତ୍ୱପୂର୍ଣ୍ଣ ନୁହେଁ, ତାହାସହିତ ଏହା ଆଧୁନିକ ସମୟରେ ପ୍ରଥମ ପୋଲିସ ବିଜ୍ଞାନ କଂଗ୍ରେସ ହୋଇଛି।ଆଇପିସି, ସିଆର୍‌ପିସି ଏବଂ ଏଭିଡେନ୍ସ ଆକ୍ଟ ଆଦି ତତ୍କାଳୀନ ବ୍ରିଟିଶ ଶାସକମାନଙ୍କ ଦ୍ୱାରା ପ୍ରଚଳିତ ହୋଇଥିଲା। ୧୮୬୦ରୁ ୨୦୨୩ ପର୍ଯ୍ୟନ୍ତ ସେଥିରେ କୌଣସି ପରିବର୍ତ୍ତନ ହୋଇନାହିଁ।ତେବେ ସମୟ ବଦଳିବା ସହିତ, ସମାଜ ବଦଳିବା ସହିତ ଅପରାଧର ପରିମାଣ ଏବଂ ପଦ୍ଧତି ମଧ୍ୟ ବଦଳୁଛି।ସେଥିପାଇଁ ପରିବର୍ତ୍ତିତ ସମୟକୁ ଦେଖି ଆଇନରେ ସଂଶୋଧନ ଆଣିବା ଅତ୍ୟ' ଗୁରୁତ୍ୱପୂର୍ଣ୍ଣ ହୋଇଛି।ଇଣ୍ଡିଆନ୍ ପେନାଲ୍ କୋଡର ନୂତନ ନାମ ହେବ ଇଣ୍ଡିଆନ୍ ଜଷ୍ଟିସ କୋଡ, କ୍ରିମିନାଲ ପ୍ରୋସିଡ୍ୟୋର କୋଡର ନୂଆ ନାମକରଣ ହେବ ଇଣ୍ଡିଆନ ସିଭିଲ ସିକ୍ୟୁରିଟି କୋଡ ଏବଂ ଇଣ୍ଡିଆନ ଏଭିଡେନ୍ସ ଆକ୍ଟ ସ୍ଥାନରେ ଭାରତୀୟ ସାକ୍ଷ୍ୟ ବିଲ୍ ଅଣାଯିବ। ଏହି ପରିବର୍ତ୍ତନଗୁଡିକ ଦ୍ୱାରା ଦେଶର ଅପରାଧିକ ନ୍ୟାୟ ପ୍ରଣାଳୀରେ ବୈପ୍ଳବିକ ରୂପାନ୍ତରଣ ଆସିବ।ବ୍ରିଟିଶ ଦ୍ୱାରା ପ୍ରଣୀତ ଆଇନଗୁଡିକ ଦଣ୍ଡବିଧାନ ଅଥବା ଜୋରିମାନା ନିମନ୍ତେ ଉଦ୍ଦିଷ୍ଟ ହୋଇଥିବାବେଳେ ମୋଦୀ-ଶାହଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ନୂଆ ଆଇନ ପ୍ରକୃତ ନ୍ୟାୟ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ବ୍ରିଟିଶ ଦ୍ୱାରା ପ୍ରଚଳନ କରାଯାଇଥିବା ଆଇନରେ କରାଯାଉଥିବା ସଂଶୋଧନ ଯେଭଳି ଦମନ ମାନସିକତାରୁ ମୁକ୍ତ କରିବ ତାହା ଲକ୍ଷ୍ୟ କରାଯାଇପାରିବ।ଏଥିପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କର ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ ସ୍ୱରାଷ୍ଟ୍ର ବ୍ୟାପାର ଓ ସହକାରିତା ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ବିଶେଷଜ୍ଞ ମାର୍ଗଦର୍ଶନକୁ ଧନ୍ୟବାଦ ଦେବାକୁ ହେବ। ଏହି ତିନିଟି ଆଇନ ଅନୁମୋଦନ ଲାଭ କରିବା ପରେ ଦେଶର ନାଗରିକମାନେ ବିଳମ୍ବିତ ନ୍ୟାୟଜନିତ ସମସ୍ୟାରୁ ଆଶ୍ୱସ୍ତି ପାଇବେ। ଯେକୌଣସି ରାଷ୍ଟ୍ରର ବିକାଶ ନିମନ୍ତେ ପ୍ରଥମ ବିଷୟ ହେଉଛି ମଜଭୁତ ଆଇନ ଶୃଙ୍ଖଳା ପରିସ୍ଥିତି। ବିଗତ ନଅବର୍ଷ ମଧ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଆଣିବାକୁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି।ଆଧୁନିକ ଯୁଗରେ ଏବଂ ଅମୃତକାଳରେ ତିନିଟି ପ୍ରମୁଖ ଆତଙ୍କୀ ସ୍ଥଳ ଜମ୍ମୁ କାଶ୍ମୀର, ଉତ୍ତରପୂର୍ବ ଏବଂ ବାମପନ୍ଥୀ ଉଗ୍ରବାଦୀ ଅଧ୍ୟୁଷିତ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିରେ ଉଲ୍ଲେଖନୀୟ ଉନ୍ନତି ଘଟିଛି। ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ସୀମାନ୍ତ ନିରାପତ୍ତାକୁ ସୁଦୃଢ଼ କରିବା ଦିଗରେ ମଧ୍ୟ ଅଭୂତପୂର୍ବ କାର୍ଯ୍ୟ କରାଯାଉଛି। ଶ୍ରୀ ଶାହ ଜୋର୍ ଦେଇ କହିଥିଲେ ଯେ ଆଭ୍ୟନ୍ତରୀଣ ସୁରକ୍ଷା କ୍ଷେତ୍ରରେ ଭାରତ ସ୍ୱାବଲମ୍ବୀ ହେବା ପଥରେ ଅଗ୍ରସର ହେଉଛି। ଭାରତ ଯେତେବେଳେ ସ୍ୱାଧୀନତାର ୧୦୦ତମ ବର୍ଷ ପାଳନ କରିବ, ସେତେବେଳେ ନିଃସନ୍ଦେହରେ ଏହା ପ୍ରତ୍ୟେକ କ୍ଷେତ୍ରରେ ମୁଣ୍ଡ ଉଚ୍ଚା କରି ଛିଡା ହୋଇଥିବ ବୋଲି ବିଗତ ନଅବର୍ଷର ସଫଳତା ଆଧାରରେ ରାଜନୈତିକ ମଞ୍ଚରେ ଶ୍ରୀ ଶାହଙ୍କ ଦାବିକୁ ଅସ୍ୱୀକାର କରିହେବ ନାହିଁ।


2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Tuesday October 10, 2023 ଭୁବନେଶ୍ବର ମଙ୍ଗଳବାର , ଅକ୍ଟୋବର ୧୦,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

# ନିମାପଡା ଗୋପ ନିର୍ବାଚନ ମଣ୍ଡଳୀରେ କିଏ ଧରିବ ବିଜେପିର ମଙ୍ଗ



ନିମାପଡ଼ା,(ପି.ଏନ): ନିମାପଡା ଗୋପ ନିର୍ବାଚନ ମଣ୍ଡଳୀ ରେ ଜୋର ଧରିଛି ନିର୍ବାଚନ ଚର୍ଚ୍ଚା କିଏ ଧରିବ ବିଜେପି ର ମଙ୍ଗ ପ୍ରଭାତୀ ନା ଦିଲ୍ଲିପ ଦ୍ୱନ୍ଦ୍ୱ ରେ ପଡିଲେଣି ଭୋଟର ଆଉ କର୍ମୀ କାରଣ ଏ ଦୁଇ ନେତା କେହି କାହାଠୁ କମ ନୁହନ୍ତି ସେପଟେ ବିଜେଡି ରେ ବଢୁଛି ଆସାଇଙ୍କ ସଂଖ୍ୟା କାହା ଉପରେ ଭରସା କରିବେ ସୁପ୍ରିମୋ ତାକୁ ହିଁ ଅପେକ୍ଷା ।ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ନିମାପଡା ଗୋପ ନିର୍ବାଚନ ମଣ୍ଡଳୀରେ ସେତେ ଜୋର ଧରୁଛି ରାଜନୀତି । ରାତି ପାହିଲେ ଚା ଦୋକାନ ଠୁ ଆରମ୍ଭ କରି ବଜାର ଘାଟ ପର୍ଯ୍ୟନ୍ତ ସେଇଠି ରାଜନୀତିର ଚର୍ଚ୍ଚା। ଓଡିଶା ରାଜନୀତିରେ ନିମାପଡା ଗୋପନିର୍ବାଚନ ମଣ୍ଡଳୀ ଗୁରୁ ବହନ କରି ଆସିଛି କାରଣ ଏହି ନିର୍ବାଚନ ମଣ୍ଡଳୀ ରେ ଟାଣୁଆ ନେତା ସମୀର ରଞ୍ଜନ ଦାଶ ଅଛନ୍ତି ସମୀର ଦାଶ ଚତୁର୍ଥ ଥର ପାଇଁ ଆସା ରଖି ଥିବା ବେଳେ ଦିନକୁ ଦିନ ସଂଗଠନ ଙ୍କୁ ଟାଣ କରିବାରେ ଲାଗିଛନ୍ତି। କିନ୍ତୁ ଏପଟେ ବିଜେପି ର ଗୋଟିଏ ପରେ ଗୋଟିଏ କର୍ମୀ ଛତ୍ର ଭଙ୍ଗ ଦେବାରେ ଲାଗିଛନ୍ତି। ପୂର୍ବରୁ ବିଜେପିରୁ ପ୍ରଭାତୀ ପରିଡା ଦୁଇ ଦୁଇ ଥର ପରାଜୟ ସ୍ୱୀକାର କରି ନିର୍ବାଚନ ମଣ୍ଡଳୀ ରେ ନିଜର ବିଶ୍ୱାସ ହରାଇଥିବାର ଏବେ ସାଧାରଣ ରେ ଚର୍ଚ୍ଚା ହେଉଛି ସେପଟେ ବିଜେପି ରେ ମିଶିଥିବା ଦିଲ୍ଲିପ ନାୟକ ନିଜର ଦମ ଦେଖେଇବାରେ ଲାଗିଲେଣି ନିଜର ସମର୍ଥକଙ୍କ ସହିତ ବିଜେପି ର କର୍ମୀ ଙ୍କୁ ଧରି ସଂଗଠନ କରିବାରେ ବେସ୍ତ। ଏପଟେ ବିଜେଡି ର ସମୀର ଦାଶ ୨୦୨୪ ରେ ଚତୁର୍ଥ ଥର ଜିତିବାର ଲକ୍ଷ୍ୟ ନେଇ ନିର୍ବାଚନ ମଣ୍ଡଳିଲେ ଦିନ ରାତି ସବୁବେଳେ ଲୋକମାନଙ୍କ ସୁଭିଧା ଅସୁବିଧା ରେ ସାଥ ଦେଉଛନ୍ତି ନିମାପଡା ବିଧାୟକ ସମୀର ଦାଶ। ନିର୍ବାଚନ ଯେତେ ପାଖେଇ ଆସୁଛି ନିମାପଡା ଗୋପ ନିର୍ବାଚନ ମଣ୍ଡଳୀର ବିଜେପି ରେ ଦ୍ୱନ୍ଦ୍ୱ ଦେଖିବାକୁ ମିଳୁଛି। ବିଜେପି ର ଘଳ କଳି ଏବେ ଦାଣ୍ଡରେ ପଡି ହାଟରେ ଗଡୁଛି। ବିଜେପି ର ମିଶ୍ରଣ ପର୍ବରେ କର୍ମୀ ମାନେ ଦେଖିବାକୁ ପାଉନାହାନ୍ତି ପ୍ରଭାତୀ ପରିଡାଙ୍କୁ ଏମିତିକି ମିଶ୍ରଣ ପର୍ବର ପୋଷ୍ଟର ରୁ ମଧ୍ୟ ହଜିଯାଇଛନ୍ତି ପ୍ରଭାତୀ। ବିଜେପି ର କାର୍ଯ୍ୟକ୍ରମ ରେ ଦିଲ୍ଲିପ ଏବଂ ତାଙ୍କ ଗୋଷ୍ଠି ଙ୍କୁ ଦେଖିବାକୁ ମିଳୁଛି ଗୋଟେ ପଟେ ପ୍ରଭାତୀ ଙ୍କ ଲୋକପ୍ରିୟ କମୁଥିବା ବେଳେ ଅନ୍ୟପଟେ ବିଜେଡି ବିଧାୟକ ସମୀର ଦାଶଙ୍କୁ ଟକ୍କର ଦେବା ପରି ଦିଲ୍ଲିପଙ୍କୁ ଦେଖିବାକୁ ମିଳିବ ବୋଲି ଏବେ ଚର୍ଚ୍ଚା ଜୋର ଧରିଛି। ଦିଲ୍ଲିପ ଏବେ ପ୍ରତି ପଞ୍ଚାୟତ ର ୱାଡ଼କୁ ଯାଇ ଲୋକଙ୍କ ସମସ୍ୟା ବୁଝୁଛନ୍ତି। ବିଜେପି ଙ୍କୁ ଆଗକୁ ନେବା ପାଇଁ ଯୁବ ଗୋଷ୍ଠିଙ୍କ ଭୂମିକା ଗୁରୁତ୍ୱ ବୋଲି କହୁଥିବା ବେଳେ ଏବେ ନିମାପଡା ଗୋପ ନିର୍ବାଚନ ମଣ୍ଡଳିଲେ ଦିଲ୍ଲିପ ଙ୍କୁ ନେଇ ଚର୍ଚ୍ଚା ହେଉଛି। ଆଗାମୀ ସାଧାରଣ ନିର୍ବାଚନ ମଣ୍ଡଳୀରେ ବିଜେପିର ମଙ୍ଗ ଦିଲ୍ଲିପ ଧରି ପାରନ୍ତି ବୋଲି ନିମାପଡା ଗୋପ ରେ ଚର୍ଚ୍ଚା ଜୋର ଧରିଛି।

# ସିନାମାଲ ଫୋରୱେ ଠାରେ କାର୍ - ଏକ୍ସଏଲ୍ ସୁପର୍ ଦୁର୍ଘଟଣା
## ଦ୍ରୁତଗାମୀ କାର୍ ଧକ୍କାରେ ବାଇକ ଚାଳକ ଗୁରୁତର

ଗୋଲାମୁଣ୍ଡା (ପି.ଏନ୍) : ଗୋଲାମୁଣ୍ଡା ବ୍ଲକ ସିନାମାଲ ଫୋର୍ ୱେ ରାସ୍ତା ଉପରେ ଏକ ଦ୍ରୁତଗାମୀ କାର ଏକ ବାଇକକୁ ଧକ୍କା ଦେବା ଫଳରେ ବାଇକ ଆରୋହି ଦୁର୍ଘଟଣା ଗ୍ରସ୍ତ ହୋଇ ଗୁରୁତର ହୋଇଛନ୍ତି । ସିନାମାଲ ଗ୍ରାମର ଲଖିଧର କଟା ନିଜର ଟିଭିଏସ୍ ଏକ୍ସଏଲ୍ ସୁପର୍ (ଓଡି୦୮କେ ୨୫୭୭) ଗାଡ଼ିରେ ଯାଉଥିବା ବେଳେ ଏକ ଦ୍ରୁତଗାମୀ କାର୍ (ଓଡି୦୨ଏଫ୍ ୪୮୨୭) ଧକ୍କା ଦେବାରୁ ବାଇକ ଚାଳକ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅଗ୍ନିଶମ ଭିଭାଗର ଗାଡିଯୋଗେ ଧର୍ମଗଡ଼ ଉପଖଣ୍ଡ ମେଡିକାଲ ନେଇଥିଲେ, ହେଲେ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଡାକ୍ତର ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିବା ଜଣାପଡ଼ିଛି । ଦୁର୍ଘଟଣା ଯୋଗୁ ଆହତଙ୍କ ବାମ ଗୋଡ଼ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ଶରୀରର ଅନ୍ୟ ଜାଗା ମାନଙ୍କରେ ମଧ୍ୟ କ୍ଷତ ହୋଇଥିବା ଜଣାପଡିଛି । ପୋଲିସ ଦୁର୍ଘଟଣା ସ୍ଥଳକୁ ଯାଇ ଗାଡିକୁ ଜବତ କରିବା ସହ ନିଜ ହେପାଯତରେ ରଖି ଅନୁସନ୍ଧାନ ଜାରି ରଖିଛି । ବିଜୁ ଫୋର ୱେ ରାସ୍ତାରେ ବେପାରୁଆ ଗାଡି ଚଳାଚଳ ପାଇଁ ବାରମ୍ବାର ଦୁର୍ଘଟଣା ଘଟିବା ସହ ଅନେକ ଧନ ଜୀବନର ହାନି ହେଉଥିବାରୁ ଏ ଦିଗରେ ପ୍ରଶାସନ ଉଚିତ ପଦକ୍ଷେପ ନେବାପାଇଁ ସାଧାରଣରେ ଦାବି ହେଉଛି ।

# ସରକାରୀ ମହିଳା ମହାବିଦ୍ୟାଳୟର ବିକାଶ ନେଇ ବୈଠକ

ଜୟପୁର, (ପି.ଏନ): ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟର ବିକାଶ ନେଇ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ବିଧାୟକ ତାରା ପ୍ରଶାଦ ବାହିନିପତି ଉପସ୍ଥିତ ରହି ମହାବିଦ୍ୟାଳୟରେ ସମୀକ୍ଷା କରିଥିଲେ । ମହାବିଦ୍ୟାଳୟରେ କ୍ଲାସ ରୁମର ଅଭାବ ରହିଛି । ପାନୀୟ ଜଳ ସମସ୍ୟା, କ୍ଲାସ ରୁମ ମରାମତି, ଲ୍ୟାବୋରାଟରି ମରାମିତି. ଶୌଚାଳୟ ମରାମତି ଆଦିର ଆବଶ୍ୟକ ରହିଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ଡିଗ୍ରୀ କଲେଜ ପାଇ ୧ କୋଟି, ଯୁକ୍ତ ଦୁଇ କଲେଜ କୁ ୫୦ ଲକ୍ଷ ଟଙ୍କା ଆନୁଦାନ ଆସିଛି ।

# ଜେନାପୁର ପ୍ରେସ୍ କ୍ଲବ୍ ପକ୍ଷରୁ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ

ଜେନାପୁର,(ପି.ଏନ୍): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଓ ଶ୍ରଦ୍ଧାଞ୍ଜଳି ଧୁମଧାମ୍ ରେ ପାଳିତ ହୋଇଯାଇଛି । ତାଙ୍କର ନୀତି ଆଦର୍ଶ ସବୁବେଳେ କଥା କୁହେ 'ମିଶୁ ମୋର ଦେହ ଏ ଦେଶ ମାଟିରେ' 'ଦେଶବାସୀ ଚାଲିଯାଆନ୍ତୁ ପିଠିରେ' ଯାହାଙ୍କ ସେବା ଏବଂ ତ୍ୟାଗ ଆଜି ପ୍ରତ୍ୟେକ ଓଡିଆଙ୍କ ହୃଦୟରେ ଲିପିବଦ୍ଧ ହୋଇରହିଛି ଏବଂ ଯାହାଙ୍କର ଜୀବନ ବ୍ରତ ଥିଲା ମାନବ ସେବା ହିଁ ମାଧବସେବା ସେ ହେଉଛନ୍ତି ଉତ୍କଳମଣି ଗୋପବନ୍ଧୁ ଦାସ । ସେହିପରି ଜେନାପୁର ଗୋପବନ୍ଧୁ ପ୍ରେସ୍ କ୍ଲ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୬ ତମ ଜନ୍ମ ଜୟନ୍ତୀ କନ୍ତପଡ଼ା ପ୍ରେସ କ୍ଲବ କାର୍ଯ୍ୟାଳୟରେ ପାଳିତ ହୋଇ ଯାଇଛି। କ୍ଲବ ର ସଭାପତି ଅଶୋକ କୁମାର ଦାସ ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରମୋଦ କୁମାର କର ଯୋଗ ଦେଇ ଗୋପବନ୍ଧୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଉପସ୍ଥିତ ଅତିଥିମାନେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଙ୍କ ଜୀବନୀ ତଥା ଦେଶପ୍ରେମ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ରେ କ୍ଲବ ର ଉପସଭାପତି ବାବୁଲି ରାଉତ, ସମ୍ପାଦକ ଚିତ୍ରସେନ ନାଥ, ସହ ସମ୍ପାଦକ ବସନ୍ତ ମଲ୍ଲିକ, କୋଶାଦକ୍ଷ ସୁନୀଲ ପାଢ଼ୀ, ପ୍ରଶାନ୍ତ ସାମଲ,ଅସିତ ନାୟକ, ବିନୟ ଜେନାମଣି, ନିଷ୍କାନ୍ତ ଖଟୁଆ, ଅମର ଭୂୟାଁ, ଯୁବ ସମାଜ ସେବୀ ପ୍ରସନ ରାଉତ, ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ତାଙ୍କର ଏପରି ସୁନ୍ଦର ଚିନ୍ତାଧାରା ସହ ସେବାକାର୍ଯ୍ୟକୁ ଅନୁପ୍ରାଣିତ ହୋଇ ଅଞ୍ଚଳର ବିଭିନ୍ନ ସ୍ଥାନ ଯଥା ଅସହାୟର ବନ୍ଧୁ ସେବା ସଙ୍ଗଠନ ତରଫରୁ ଜାରକାର ପ୍ରତିମୂର୍ତ୍ତି, ଗୋପବନ୍ଧୁ ସେବା ସଂଗଠନ ତରଫରୁ ଜେନାପୁର ବାଲିପଡିଆ ଠାରେ ପ୍ରତିମୂର୍ତ୍ତି ଏବଂ ଜେନାପୁର ଗୋପବନ୍ଧୁ ପ୍ରେସ୍ କ୍ଲବ୍ ର କନ୍ତପଡା ଠାରେ ତାଙ୍କର ଜୟନ୍ତୀକୁ ଭକ୍ତି ଓ ଶ୍ରଦ୍ଧାର ସହିତ ପାଳିତ ହୋଇଯାଇଛି । ଗୋପବନ୍ଧୁଙ୍କ ଆଦର୍ଶରେ ବିଭିନ୍ନ ସଂଗଠନର ମୂଳ ଲକ୍ଷ୍ୟ ମାନବ ସେବା ହିଁ ମାଧବସେବା ବ୍ରତ ଭଳି ସବୁଦିନ ପାଇଁ ନିଶ୍ୱାର୍ଥପର ହୋଇ ସେବାକାର୍ଯ୍ୟ ଜାରିରହିଛି । ସମସ୍ତଙ୍କ ହୃଦୟରେ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରଚାର ପ୍ରସାରେ ସର୍ଭିଙ୍କରପାତ୍ର ବୋଲି ଲିପିବଦ୍ଧ ହୋଇଯାଇଛି କାଳକାଳକୁ ଯଶ ରଖିଦେଇ ଯାଇଛନ୍ତି । ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ଜନ୍ମ ଜୟନ୍ତୀରେ ବିଭିନ୍ନ ସଂଗଠନ ତରଫରୁ ଶତଶତ ପ୍ରଣାମ ଜଣାଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି ।

# ହିଞ୍ଜିଳିକାଟୁରେ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍‌ର ଶୁଭାରମ୍ଭ

ହିଞ୍ଜିଳିକାଟୁ,(ପି.ଏନ): ଶୁଦ୍ଧ ପାନୀୟ ଜଳ ଜନ ସାଧାରଣଙ୍କ ଏକ ମୌଳିକ ଆବଶ୍ୟକତା ଏବଂ ଅଧିକାର ହୋଇଥିବା ବେଳେ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧତାର ଯୋଜନା ପ୍ରଣୟନ କରିବାର ଆବଶ୍ୟକତା ରହିଛି। ଗତ ଦିନରେ ରାଜ୍ୟର ବହୁ ସହରରେ ଡ୍ରିଙ୍କ ଫ୍ରମ ଟ୍ୟାପ ଯୋଜନାରେ ୨୪ ଘଣ୍ଟିଆ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଘୋଷଣା କରିବା ସହ ଏହି ପ୍ରକଳ୍ପର ପରିକଳ୍ପନା ପ୍ରାରମ୍ଭ କରିଥିଲେ। ଆଜି ଏହି କ୍ରମରେ ପ୍ରସ୍ତାବିତ ସହରାଞ୍ଚଳ ମାନଙ୍କରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଇଛି। ହିଞ୍ଜିଳିକାଟୁ ପୌରାଞ୍ଚଳର ୱାର୍ଡ ନମ୍ବର ଯଥାକ୍ରମେ ୭, ୮, ଓ ୯ ଏହି ୩ ଗୋଟି ୱାର୍ଡରେ ପ୍ରାଥମିକ ଭାବରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଇଛି। ସୋମବାର ପୂର୍ବାହ୍ନରେ ଭୁବନେଶ୍ୱର ଲୋକସେବା ଭବନରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କାନଫ୍ରେନ୍ସିଂ ଜରିଆରେ ଏହି ଯୋଜନାର ଶୁଭାରମ୍ଭ କରିବା ସହ ରାଜ୍ୟର ଅନ୍ୟ ୫ଟି ପ୍ରମୁଖ ସହରାଞ୍ଚଳକୁ ସାମିଲ କରିଥିଲେ। କାର୍ଯ୍ୟକ୍ରମରେ ହିଞ୍ଜିଳିକାଟୁ ପୌରାଧକ୍ଷ ସୁବାସ ଚନ୍ଦ୍ର ପୋଲାଇ, ଉପାଧକ୍ଷା ସୁଚିତ୍ରା ପଣ୍ଡା, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ କୁମାର ଜେନା, ସ୍ଥାନୀୟ ଥାନାଧିକାରୀ ଶ୍ରୀନିବାସ ସେଠୀ, ଗ୍ରିଟ ଅଧକ୍ଷ ପବିତ୍ର ମୋହନ ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ, ଜନ ପ୍ରତିନିଧି ଏବଂ ପୌର ପରିଷଦର କର୍ମଚାରୀ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପୌର ପରିଷଦ କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ଦାସ ଏବଂ ୱାଟକୋ ଯନ୍ତ୍ରୀ ଶ୍ରୀଧର ଦାସ ପରିଚାଳନା କରିଥିଲେ।

# ପୂର୍ବ ଶତ୍ରୁତାକୁ ନେଇ ଜଣେ ବ୍ୟକ୍ତିଙ୍କୁ ଲୁହା ରଡରେ ପିଟି ମାରି ଦେବା ମାମଲା

ପୁରୀ, (ପି.ଏନ):ପୁରୀ ସଦର ଥାନା ଅଧୀନ ମଙ୍ଗଳପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ପୂର୍ବ ଶତ୍ରୁତାକୁ ନେଇ ପିଟି ମାରି ଦେବା ମାମଲାରେ ପୁଲିସ ସୋମବାର ଫେରାର ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗକାରୀ ଜଣକ ହେଲେ କଣ୍ଣପୁର,ମଙ୍ଗଳପୁର ଗ୍ରାମର ମିନା ବରାଳ(୪୮) ହୋଇଥିବା ବେଳେ,ଅଭିଯୁକ୍ତ ଜଣକ ହେଲେ ଉକ୍ତ ଗ୍ରାମର ଭିମସେନ ବରାଳ(୨୪) ଓରଫ ପପୁ ବୋଲି ସୂଚନା ମିଳିଛି। ପୁଲିସ ଗିରଫ ଅଭିଯୁକ୍ତ ନିକଟରୁ ଗୋଟିଏ ଲୁହା ରଡ,ମୋବାଇଲ ଫୋନ,ଗୋଟିଏ ବାଇକ ଏବଂ ରୁମାଲ ଜବତ କରିଛି। ଏ ନେଇ ସଦର ଏସଡିପିଓ ରବି ନାରାୟଣ ଭଞ୍ଜ ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନା ମୁତାବକ,ଅଭିଯୋଗକାରୀ ମିନା ବରାଳଙ୍କ ପରିବାର ସହ ଅଭିଯୁକ୍ତ ଭିମସେନ ବରାଳଙ୍କର ଜମିଜମାକୁ ନେଇ ଦୀର୍ଘ ବର୍ଷ ହେଲା ଗଣ୍ଡଗୋଳ ଲାଗି ରହିଥିଲା। ଏ ନେଇ ପୁରୀ କୋର୍ଟରେ ଉଭୟଙ୍କ ଦ୍ୱାରା କେଶ ମଧ୍ୟ ବିଚାରଧିନ ରହିଥିଲା। ଅନେକ ସମୟରେ ଉଭୟଙ୍କ ପରିବାର ମଧ୍ୟରେ ବଚସା ହେଉଥିଲା। ଯାହା ଦ୍ୱାରା ଗତ କିଛି ମାସ ପୂର୍ବେ ଅଭିଯୁକ୍ତ ଜଣକ ମୃତକ ବୀର ବରାଳଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲା। ଚଳିତ ବର୍ଷ ଜୁଲାଇ ୬ତାରିଖ ରାତିରେ ମୃତକ ବୀର ବରାଳ ନିଜ ପାନ ଦୋକାନ ସାମ୍ନାରେ ଛିଡା ହୋଇଥିବା ବେଳେ,ଅଭିଯୁକ୍ତ ଜଣକ ତାଙ୍କ ଦୋକାନ ସାମ୍ନା ଦେଇ ଯାଉଥିଲା। ଏହି ସମୟରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଉକ୍ତ ସମୟରେ ଅଭିଯୁକ୍ତ ଜଣକ ଉତକ୍ଷିପ୍ତ ହୋଇ ଏକ ଲୁହା ରଡରେ ମୃତକ ବୀର ବରାଳକୁ ମରଣାନ୍ତକ ଆକ୍ରମଣ କରିଥିଲା। ବୀର ବରାଳଙ୍କ ଶରୀରରେ ବାରମ୍ବାର ଲୁହା ରଡରେ ଆଘାତ ଯୋଗୁ ସେ ଘଟଣା ସ୍ଥଳରେ ପ୍ରାଣ ହରାଇଥିଲେ। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଜଣକ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ପୁଲିସ ମୃତକଙ୍କ ପତ୍ନୀ ମିନା ବରାଳଙ୍କ ଅଭିଯୋଗକ୍ରମେ ଅଭିଯୁକ୍ତ ବିରୋଧରେ କେଶ ନଂ ୨୪୧/୨୩ରେ ହତ୍ୟା ମାମଲା ରୁଜୁ କରିଥିଲା। ପୁଲିସ ସୋମବାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା ଯେ ଅଭିଯୁକ୍ତ ଜଣକ ନିଜ ଗ୍ରାମରେ ଲୁଚିଛି। ସଦର ପୁଲିସ ମଙ୍ଗଳପୁର ଗ୍ରାମରେ ଚଢାଉ କରି ଅଭିଯୁକ୍ତକୁ ମାଡି ବସିବା ସହ ତା ନିକଟରୁ ହତ୍ୟାକାଣ୍ଡରେ ବ୍ୟବହୃତ ଲୁହାରଡ,ମୋବାଇଲ ଫୋନ,ବାଇକ ଏବଂ ଗୋଟି, ରୁମାଲ ଜବତ କରିଛି। ପୁଲିସ ଅଭିଯୁକ୍ତକୁ ଦୀର୍ଘ ୩ମାସ ପରେ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।

# ଦଶପୁର ଜୋନ୍‌ରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ଗୋଲାମୁଣ୍ଡା,(ପି.ଏନ): ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଅକ୍ଟୋବର ୨ ତାରିଖ ଠାରୁ ଅକ୍ଟୋବର ୧୧ ଗାନ୍ଧୀ ଜୟନ୍ତୀ ଠାରୁ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ପର୍ଯ୍ୟନ୍ତ ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଗୋଲାମୁଣ୍ଡା ବ୍ଲକ ଦଶପୁର ଜୋନ୍ ରେ ଗତ ୭ ତାରିଖରେ ସ୍ଥାନୀୟ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ନେତୃତ୍ୱରେ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଯାଇଛି । ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ପଦକ୍ଷେପ, ସଫଳତା, ଉପଲବ୍ଧି ଆଦିର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ଏହି ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କର୍ମକର୍ତ୍ତାଙ୍କ ଠାରୁ ସୂଚନା ମିଳିଛି ଆଗାମୀ ଅକ୍ଟୋବର ୧୦ ରେ ଗୋଲାମୁଣ୍ଡା ଜୋନ୍ ଓ ଅକ୍ଟୋବର ୧୧ ରେ କେଗାଁ ଜୋନ୍ ରେ ମଧ୍ୟ ସମାନ ଜନ ସମ୍ପର୍କ ପଦଯାତ୍ରାର ଆୟୋଜନ ହେବାର ସ୍ଥିରୀକୃତ ହୋଇଥିବାର ମଧ୍ୟ ସୂଚନା ମିଳିଛି । ଏହି କାର୍ଯ୍ୟକ୍ରମ ଅବସରରେ ଗୋଲାମୁଣ୍ଡା କଂଗ୍ରେସ ଦଳର ମହିଳା ନେତ୍ରୀ ପୁଷ୍ପଲତା ଜଗତ ବିଜୁ ଜନତା ଦଳର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଜୁନାଗଡ଼ ବିଧାୟକଙ୍କ ଉପସ୍ଥିତିରେ କଂଗ୍ରେସ ଛାଡି ବିଜେଡି ଦଳରେ ଯୋଗ ଦେଇଛନ୍ତି । ଉକ୍ତ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ଜୋନ୍ ନଂ ୧ ର ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ହେମାଙ୍ଗୀନି ରାଉତ, ବୃନ୍ଦାବାହାଲ ସରପଞ୍ଚ ଇଂ ଦିନେଶ କୁମାର ରାଉତ, ଦଶପୁର ସରପଞ୍ଚ ରଞ୍ଜନ ସାହୁ, ଫରଙ୍ଗ ସରପଞ୍ଚ ହୀରାବତୀ ଭୋଇ, ଫରଙ୍ଗ ସମିତି ସଭ୍ୟା ଅପର୍ଣ୍ଣା ବାରିକ, ଦଶପୁର ସମିତି ସଭ୍ୟ ଦୁର୍ଗେଶ୍ୱର ସାହୁ, ବିଶିଷ୍ଟ ବିଜେଡି ନେତା ଦେବରାଜ ରାଉତ, ଗଣେଶ ନାଏକ, ଛାତ୍ର ନେତା ଟୁଟୁ ମଙ୍ଗରାଜ, ସୁରେନ୍ଦ୍ର ବାରିକଙ୍କ ସମେତ ଶହ ଶହ ବିଜେଡି କର୍ମୀ ଉପସ୍ଥିତ ରହିଥିଲେ ।






Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray